94 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2012-2014

- Baleswar, Thursday, 21 November, 2013
- ବାଲେଶ୍ୱର, ଗୁରୁବାର, ୨୧ ନଭେମ୍ବର, ୨୦୧୩
- ଆଜି ବିଛା ୬ ଦିନ, ୧୪୨୧ ସାଲ
- କାର୍ତ୍ତିକ ୩୦ ଦିନ, ୧୯୩୫ ଶକାବ୍ଦ, କୃଷ୍ଣପକ୍ଷ ଚତୁର୍ଥୀ
- ଭାଗ- ୮୪ ସଂଖ୍ୟା-୩୧୭
- www.thesamaja.com
www.samajaepaper.com

ଟ ୩.୦୦ (୧୬ ପୃଷ୍ଠା)

ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
କଟକ | ସମ୍ବଲପୁର | ବିଶାଖାପାଟଣା | କଲିକତା | ରାଉରକେଲା | ଭୁବନେଶ୍ୱର | ବ୍ରହ୍ମପୁର | ବାଲେଶ୍ୱରରୁ ପ୍ରକାଶିତ

**ODISHA**
**News**

**ODIA**

**THE SAMAJA**
**Baleswar**

**NOVEMBER 2013**

# ମା' କୋଳକୁ ଫେରିଲା ମୂରଲୀଧର



ରାଇରଙ୍ଗପୁର, ୨୦।୧୧ (ନି.ପ୍ର.)- ବାମନଘାଟୀ ଉପଖଣ୍ଡ କୁସୁମୀ ବ୍ଲକର ଯୋରଦା ଗ୍ରାମପଞ୍ଚାୟତର ଅଖ୍ୟାତପଲ୍ଲୀ ଭାଲୁପାହାଡି ଗାଁ। ଆଜି ସକାଳୁ ଗ୍ରାମର ମନବୋଧ ବେହେରା ଓ ତାଙ୍କ ସ୍ତ୍ରୀ ସୀତା ବେହେରା ନିତ୍ୟ ନିୟମିତ ଭାବେ ଘରକାମରେ ବ୍ୟସ୍ତ ଥିଲେ । ସେତିକି ବେଳେ ସୁଦୂର ଚେନ୍ନାଇରୁ ଦେବଦୂତ ସାଜି ଖୋଜି ଖୋଜି ଘରେ ପହଞ୍ଚି ଥିଲେ ଶ୍ରଦ୍ଧା ରିହାଇବ୍ଲିଟେସନ୍ ଫାଉଣ୍ଡେସନ୍ ସଙ୍ଗଠନର ମନୋଚିକିତ୍ସକ ଓ ସ୍ୱେଚ୍ଛାସେବୀ ଷ୍ଟିଫାନ୍ ନାଦର ଓ ସହକର୍ମୀ ଲକ୍ଷ୍ମୀ ନାୟାର । ସାଥିରେ ନେଇ ଆସିଥିଲେ ୯ବର୍ଷ ଧରି ନିଖୋଜ ଥିବା ତାଙ୍କ ଏକୋଇର ବଳା ବିଶିକେଶନ ପୁଅ ମୂରଲୀଧର ବେହେରା ଓରଫ ଗୁରୁକୁ । ଦୀର୍ଘ ନଅବର୍ଷ ଧରି ମାନସିକ ଅସ୍ଥିରତା ଥାଇ ନିଖୋଜ ପୁଅକୁ ବହୁ ଖୋଜାଖୋଜି କରିନପାଇବାରେ ଥାନାରେ ଖବର ଦେବା ସହ ପୁଅ ପାଇଁ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରିବା ତଥା ଝାଡଫୁଙ୍କ କରାଇଥିଲେ । ହେଲେ ଦୀର୍ଘ ବର୍ଷ ପରେ ଆଜି ତାଙ୍କ ପୁଅକୁ ଫେରିପାଇବାରେ ମାଆ ବାପାଙ୍କ ଆନନ୍ଦ ଦେଖିବାର ଥିଲା । ଅତ୍ୟନ୍ତ ଗରୀବ ଘରର ହୋଇଥିବା ସଙ୍ଗକୁ ତାଙ୍କର ଏକମାତ୍ର ଏତେବର୍ଷ ପରେ ଘରକୁ ଫେରିଆସିବା ନେଇ ଗାଁର ଲୋକେ ସମବେତ ହୋଇ ଶ୍ରଦ୍ଧା ରିହାଇବ୍ଲିଟେସନ୍ ଫାଉଣ୍ଡେସନ୍‌ର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ । ଗାଁରେ ଖୁସିର ମାହୋଲ ଥିଲା । ପ୍ରାପ୍ତ ତଥ୍ୟ ଅନୁସାରେ ଭାଲୁପାହାଡି ଗ୍ରାମର ମୂରଲୀଧର ବେହେରା ଓରଫ ଗୁରୁ ୨୦୦୪ ମସିହାରୁ କୁଆଡେ ଚାଲିଯାଇଥିଲା । ପରିବାରର ଲୋକେ ବହୁ ଖୋଜାଖୋଜି କରିବା ସତ୍ତ୍ୱେ ତାକୁ ପାଇନଥିଲେ । ସେ ଟ୍ରେନ୍‌ରେ କୌଣସି ମତେ ଚେନ୍ନାଇ ପଳାଇଥିଲେ । ତାଙ୍କୁ ଉଦ୍ଧାର କରାଯିବା ପରେ ମଦୁରାଇ ଜୁଡିସିଆଲ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ହାଜର କରାଯିବା ପରେ ଚେନ୍ନାଇର କିଲପକ୍ ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଣ୍ଟାଲ୍ ହେଲ୍‌ଥ ଠାରେ ଚିକିତ୍ସା କରାଯାଇଥିଲା । ପରେ ପରେ ଡଃ.ଭାରତ ୱାଟୱାନି ଓ ଡଃ.ସ୍ମିତା ୱାଟୱାନିଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରଦ୍ଧା ରିହାଇବ୍ଲିଟେସନ୍ ଫାଉଣ୍ଡେସନ୍‌ରେ ଚିକିତ୍ସା କରାଯିବା ପରେ ଗତ ତା ୧୨।୬।୨୦୧୩ ରିଖରେ ଭର୍ତ୍ତି କରାଯାଇ ଗତ ତା୧୫।୧୦।୨୦୧୩ରିଖରେ ଛାଡି ଦିଆଯାଇଥିଲା । ମାନସିକ ରୋଗୀ ତଥା ନିରାଶ୍ରୟଙ୍କ ଉଲ୍ଲେଖନୀୟ କାମ କରୁଥିବା ମହାରାଷ୍ଟ୍ରର କରଜତ୍‌ସ୍ଥିତ ଶ୍ରଦ୍ଧା ରିହାଇବ୍ଲିଟେସନ୍ ଫାଉଣ୍ଡେସନ୍ ସଙ୍ଗଠନର ମନୋଚିକିତ୍ସକ ଓ ସ୍ୱେଚ୍ଛାସେବୀ ଷ୍ଟିଫାନ୍ ନାଦର ଓ ସହକର୍ମୀ ଲକ୍ଷ୍ମୀ ନାୟାର ଆଜି ମୂରଲୀକୁ ତାର ବୟୋବୃଦ୍ଧ ପିତାମାତାଙ୍କୁ ହସ୍ତାନ୍ତର କରଇଛନ୍ତି ।

**ODISHA**

**News**

**ODIA**

**ANGUL**

**NOVEMBER 2016**

## ରଖେ ହରି ତ' ମାରେ କିଏ ?

# ୩ ବର୍ଷ ପରେ ଶିବିଡ଼ା ଗାଁକୁ ଫେରିଲା ବେସାହାରା ତରା

ପାଲଲହଡା,୩୦।୯(ନି.ପ୍ର.): ଫୁଲବାଣୀ କନ୍ଧମାଳ ଜିଲ୍ଲା ରାସ୍ତାପାର୍ଶ୍ୱରେ ବେସାହାରା ହୋଇ ଦୟନୀୟ ଅବସ୍ଥାରେ ଜୀବନ ବିତାଉଥିବା ଶିବିଡା ଗ୍ରାମର ଅଧିବାସୀ ମହିଳା ତରାକୁ ଶ୍ରଦ୍ଧା ଅଭିଯାନ ସଂସ୍ଥାଦ୍ୱାରା ଉଦ୍ଧାର କରାଯାଇ ପରେ ଘରକୁ ପଠାଇବା ଘଟଣା ଚାଞ୍ଚଲ୍ୟ ଖେଳାଇଦେଇଛି। ପାଲଲହଡା ଉପଖଣ୍ଡ ନଗିଲା ପଞ୍ଚାୟତର ଶିବିଡା ଗ୍ରାମର ତରା ସିଂ ୩ ବର୍ଷ ପୂର୍ବେ ମାନସିକ ବିକୃତ ହୋଇ ଗାଁରୁ ଚାଲିଯାଇଥିଲେ। ଅସିବା ପରେ ଜାତୀୟ ରାଜପଥରେ ଯାତାୟାତ କରୁଥିବା ଟ୍ରକରେ ବସି ଅଜଣାକୁ ଚାଲିଯାଇଥିଲା। ଦୀର୍ଘଦିନ ଧରି ଦୟନୀୟ ଅବସ୍ଥାରେ ବିଭିନ୍ନ ସ୍ଥାନରେ ଜୀବନ ବିତାଇ ଶେଷରେ ବନ୍ଧେ କଲ୍ୟାଣପୁର ରାସ୍ତାକଡରେ ପଡିଥିବା ବେଳେ ଗତ ଅଗଷ୍ଟ ୨ ତାରିଖରେ ମୁମ୍ବାଇସ୍ଥ କର୍ଜତର ଶ୍ରଦ୍ଧାଠାରେ ଅବସ୍ଥିତ ଶ୍ରଦ୍ଧା ଅଭିଯାନ କେନ୍ଦ୍ରର ସମାଜସେବୀମାନେ ଉଦ୍ଧାର କରି କେନ୍ଦ୍ରକୁ ନେଇଥିଲେ। ଦୀର୍ଘ ଏକମାସ ଧରି ତରାଙ୍କୁ ଚିକିତ୍ସା କରିବା ପରେ ତରାଙ୍କ ଅବସ୍ଥା ସ୍ୱାଭାବିକ ହୋଇଥିଲା। ତରା ନିଜର ଘରିରେ ଏବଂ ବାସସ୍ଥାନ ସମ୍ପର୍କରେ ସୂଚନା ଦେବା ପରେ ଉକ୍ତ ଅଭିଯାନ କେନ୍ଦ୍ରର ସମାଜସେବୀ ସନ୍ତୋଷ ନାଏକ ଏବଂ ମାନସିକ ବିକୃତ ସମାଜର ସମାଜସେବିକା ଶ୍ରୀମିଳି ଚାଟାର୍ଜି ଅତି ପାଲଲହଡା ବସ ମାଲିକ ସଂଘ କାର୍ଯ୍ୟାଳୟରେ ତରାଙ୍କୁ ଧରି ପହଞ୍ଚିଥିଲେ। ବସ ମାଲିକ ସଂଘର ଅଧ୍ୟକ୍ଷ ଜହ୍ନ ସନ୍ତୋଷ ବେହୁରାଙ୍କ ସହଯୋଗରେ ତରାଙ୍କ ନିଜସ୍ୱ ଗ୍ରାମ ନଗିଲାର ଶିବିଡାଠାରେ ଏହି ଅଭିଯାନ କେନ୍ଦ୍ରର ସେବକ ଓ ସେବିକା ତରାକୁ ପହଞ୍ଚାଇଥିଲେ। ନିଖୋଜ ତରାଙ୍କୁ ଗ୍ରାମରେ ପାଇ ଆନନ୍ଦର ଲହରୀ ଖେଳିଯାଇଥିଲା। ତରା ଏ ଦୁନିଆରୁ ଚାଲି ଯାଇଥିବା ପରିବାରବର୍ଗଙ୍କ ଧାରଣା ଥିବା ବେଳେ ତରାଙ୍କ ହଠାତ ଆଗମନ ଦେଖି ପରିବାର ଓ ଗ୍ରାମବାସୀ ହତବାକ ହୋଇପଡିଥିଲେ। ରଖେ ହରି ତ ମାରେ କିଏ, ବୋଲି କହି ସ୍ୱାମୀ ଭଗ ସିଂ ଏବଂ ପୁଅ ଓ ଝିଅ ସମସ୍ତେ ତରାଙ୍କୁ ଭାବବିହ୍ୱଳ ହୋଇ ଘରକୁ ସ୍ୱାଗତ କରିଥିଲେ। ମଣିଷର ମଣିଷତ୍ୱ ଓ ବିବେକ ବିଚାର ଶକ୍ତି ଠିକ ଭାବେ ସଞ୍ଚାଳନ କଲେ ରାସ୍ତା କଡର ଦୟନୀୟ ମଣିଷ ପୁନର୍ବାସ ପାଇ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବ ବୋଲି ଏହି ଘଟଣାରୁ ସ୍ପଷ୍ଟ ହୋଇଛି।



**ODISHA**
**News**

**ODIA**

**NIRBHAY**
**Bhubaneshwar**

**SEPTEMBER 2019**


ସତ୍ୟର ସ୍ୱର
# ନିର୍ଭୟ
satya-ra swara nirbhay

Daily Edition
R. N. I. No. ODIODI/2013/50534
P. R. No. BN/227/14-16

ଭାଗ - ୮ ।ସଂଖ୍ୟା -୯୯ । ଭୁବନେଶ୍ୱର ।
ଶନିବାର । ୧୨ ସେପ୍ଟେମ୍ବର । ୨୦୨୦ ।
୧୨ ପୃଷ୍ଠା । ମୂଲ୍ୟ - ୫ଟଙ୍କା
Vol. - 8 I Issue - 99 I BHUBANESWAR I
WEDNESDAY 4 SEPTEMBER I 2019 I
12 PAGES I PRICE - Rs.5.00

www.nirvaynews.com www.nirbhayepaper.com


ଓଡ଼ିଶା ଏଫସିରେ ସାମିଲ ହେଲେ ଜାକୋବ
୧୨



ଅବିନାଶ ମହାନ୍ତି ଙ୍କ ରିପୋର୍ଟ

## ମୁମ୍ବାଇର ଏକ ଏନ୍‌ଜିଓ ମାଧ୍ୟମରେ ଚିକିତ୍ସିତ ହେଉଥିଲେ

# ୩୦ ବର୍ଷ ପରେ ଘରକୁ ଫେରିଲେ ସୁମିତ୍ରା



ମୋରଡ଼ା,୩।୯/ଏନ୍‌ଏନ୍‌ଏସ୍: ଦୀର୍ଘ ୩୦ ବର୍ଷ ପରେ ଘଟିଛି ମହାମିଳନ। ସ୍ୱାମୀ ପାଇଛି ପତ୍ନୀକୁ ଆଉ ପୁଅମାନେ ପାଇଛନ୍ତି ନିଖୋଜ ମାଆକୁ। ଦୀର୍ଘବର୍ଷ ପରେ ନିଜ ପରିବାରକୁ ମନେ ପକାଇପାରି ଗାଁ ଫେରିଆସିଛନ୍ତି ସୁମିତ୍ରା। ଏହାପରେ ଗାଁରେ ଖେଳି ଯାଇଛି ଖୁସିର ଲହରୀ। ଏଭଳି ଘଟଣା ଦେଖିବାକୁ ମିଳିଛି ମୟୁରଭଞ୍ଜ ଜିଲ୍ଲା ମୋରଡ଼ା ଥାନା ଅଧୀନ ପାରିଆକୁଲି ଗ୍ରାମରେ। ଗ୍ରାମର ଭୁବନେଶ୍ୱର ବେହେରାଙ୍କ ସ୍ତ୍ରୀ ସୁମିତ୍ରା ୩୦ ବର୍ଷ ତଳେ ମାନସିକ ରୋଗରେ ଆକ୍ରାନ୍ତ ହୋଇଥିଲେ। ଫଳରେ ମାନସିକ ସନ୍ତୁଳନ ହରାଇ କେଉଁଆଡ଼େ ଚାଲିଯାଇଥିଲେ। ବହୁ ଖୋଜାଖୋଜି ପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନଥିଲା। ସେ ଘର ଛାଡ଼ିବା ବେଳକୁ ୬ ଓ ୪ ବର୍ଷର ତାଙ୍କର ଦୁଇଟି ପୁଅ ଥିଲେ। ମାଆ ସ୍ନେହ ନପାଇ ପିଲାଦୁଇଟି ବହୁ ଦୁଃଖ କଷ୍ଟରେ ବଢ଼ିଲେ। କାଳକ୍ରମେ ସେମାନେ ବାହାସାହ ହୋଇ ଘରସଂସାର କଲେ। କିନ୍ତୁ ମା'ର ଅଭାବ ବୁଦେବେଳେ ମନ ମଧ୍ୟରେ ଥାଏ। ହଠାତ୍ ଦିନେ ମୁମ୍ବାଇର ଏକ ଏନ୍‌ଜିଓରୁ ଖବର ଆସିଲା ଭୁବନେଶ୍ୱର ବେହେରାଙ୍କ ସ୍ତ୍ରୀ କିଏ ନିଖୋଜ ଅଛନ୍ତି କି? ଖବର ସମ୍ପର୍କରେ ବଡ଼ପୁଅ ମୁମ୍ବାଇର ସମ୍ପୃକ୍ତ ଏନ୍‌ଜିଓ ଶ୍ରଦ୍ଧା ସହିତ ଯୋଗାଯୋଗ କଲେ। ପରେ ଏନ୍‌ଜିଓର ଦୁଇଜଣ ସ୍ୱେଚ୍ଛାସେବୀ ସୁମିତ୍ରାଙ୍କୁ ଧରି ଗାଁରେ ପହଞ୍ଚିଲେ। ଏହି ଖବର ପ୍ରଚାରିତ ହେବାପରେ ଗାଁର ସମସ୍ତେ ଭୁବନେଶ୍ୱରଙ୍କ ଘରେ ଭିଡ଼ ଜମାଇଥିଲେ। ଶ୍ରଦ୍ଧା ଏନ୍‌ଜିଓ ସୂତ୍ରରୁ ଜଣାଯାଇଛି, ସୁମିତ୍ରାଙ୍କୁ ସେମାନେ ପ୍ରଥମେ ଚେନ୍ନାଇର ଏକ ମେଣ୍ଟାଲ୍ ହସ୍ପିଟାଲ୍‌ରେ ଠାବ କରିଥିଲେ। ସେଠାରେ ସେ ଓଡ଼ିଶାର ବୋଲି ଜାଣିବାକୁ ପାଇବା ସହ ତାଙ୍କୁ ମୁମ୍ବାଇ ଆଣି ଚିକିତ୍ସା କରାଇଥିଲେ। ଧୀରେ ଧୀରେ ସୁସ୍ଥ ହେବାପରେ ସୁମିତ୍ରା ଘରକୁ ଫେରିବା ଇଚ୍ଛା ପ୍ରକାଶ କଲେ। ତାଙ୍କଠାରୁ ମିଳିଥିବା ଘର ଠିକଣା ଅନୁସାରେ ଯୋଗାଯୋଗ କରିବା ପରେ ସ୍ପଷ୍ଟ ହୋଇଥିଲା ସେ ପାରିଆକୁଳି ଗ୍ରାମର ଭୁବନେଶ୍ୱରଙ୍କ ସ୍ତ୍ରୀ ସୁମିତ୍ରା। ଆଜି ତାଙ୍କୁ ଆଣି ଗାଁରେ ପହଞ୍ଚିଛୁ। ତେବେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇନାହାନ୍ତି, ଆଉ କିଛିଦିନ ତାଙ୍କୁ ଆଉ କିଛିଦିନ ଔଷଧ ସେବନ କରିବାକୁ ପଡ଼ିବ ବୋଲି ସାଙ୍ଗରେ ଆସିଥିବା ସ୍ୱେଚ୍ଛାସେବୀ ଲକ୍ଷ୍ମୀପ୍ରିୟା ବିଶୋୟୀ କହିଛନ୍ତି। ଏନ୍‌ଜିଓ ପକ୍ଷରୁ ତାଙ୍କୁ ଏହି ଔଷଧ ମଧ୍ୟ ପ୍ରଦାନ କରାଯାଇଛି। ସୁମିତ୍ରା ଗାଁରେ ପହଞ୍ଚିବା ପରେ ଗାଁ ମହିଳାମାନେ ତାଙ୍କୁ ଫୁଲଚନ୍ଦନ ଦେଇ ହୁଳହୁଳି ପକାଇ ସ୍ୱାଗତ କରି ଗାଁ ଶିବମନ୍ଦିର ନିକଟକୁ ନେଇଯାଇଥିଲେ। ସୁମିତ୍ରା ଗାଁ ଠାକୁରଙ୍କୁ ପ୍ରଣାମ କରିଥିଲେ।

ପରେ ଦୁଇପୁଅ ଓ ସ୍ୱାମୀ ପହଞ୍ଚିବା ଦେଖି ସୁମିତ୍ରା ବଡ଼ପୁଅକୁ ଚିହ୍ନିପାରି ନାଁ ଧରି ଡାକିଥିଲେ। ପରେ ସାନପୁଅ କାଳିଆ କାହିଁ ବୋଲି ପଚାରିଥିଲେ। ୩୦ବର୍ଷ ପରେ ମା'ଙ୍କୁ ପାଇ ଦୁଇପୁଅ ଖୁସିରେ ଗଦ୍‌ଗଦ୍ ହୋଇପଡ଼ିଥିଲେ। ଆଜି ମା' ମୋ ପାଖକୁ ଫେରିଆସିଥିବାରୁ ମୁଁ ବହୁତ ଖୁସି ବୋଲି ବଡ଼ପୁଅ ସଞ୍ଜୟ କହିଥିଲେ। ସୁମିତ୍ରାଙ୍କୁ ତାଙ୍କ ଘରେ ଛାଡ଼ିବା ପରେ ମୁମ୍ବାଇର ଶ୍ରଦ୍ଧା ଏନ୍‌ଜିଓରୁ ଆସିଥିବା ଦୁଇ ସ୍ୱେଚ୍ଛାସେବୀ ଯିବାକୁ ବାହାରିବା ବେଳେ ସୁମିତ୍ରା ସେମାନଙ୍କ ସହ ଫେରିଯିବାକୁ ଚାହୁଁଥିଲେ। ହେଲେ ସ୍ୱାମୀ ଓ ଦୁଇପୁଅ ବୁଝାସୁଝା କରିବା ପରେ ସେ ଘରକୁ ଯାଇଥିଲେ।

**ODISHA**

**News**

**ODIA**

**DHARITRI**

**Balasore**

**SEPTEMBER 2019**


ଧରିତ୍ରୀ

DHARITRI

ବାଲେଶ୍ୱର, ବୁଧବାର, ସେପ୍ଟେମ୍ବର ୪/୨୦୧୯ (୧୬ ପୃଷ୍ଠା+ସାହିତ୍ୟାୟନ) Balasore, Wednesday, September 4/2019 ★★★★

୪୫ଶ ଭାଗ ୨୮୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ଟି୨୦ରୁ ମିଥାଲିଙ୍କ ଅବସର**

ଭାରତର ସିନିୟର ମହିଳା କ୍ରିକେଟର ମିଥାଲି ରାଜ୍ ଅନ୍ତର୍ଜାତୀୟ ଟି୨୦ କ୍ରିକେଟରୁ ତାଙ୍କ ଅବସର ଘୋଷଣା କରିଛନ୍ତି।

୧୪ ୦୯

**'ପଲ୍ ପଲ୍ ଦିଲ୍ କେ ପାସ୍'ରେ କରନ ଦେଓଲ**

'ପଲ୍ ପଲ୍ ଦିଲ୍ କେ ପାସ୍'ରେ ଅଭିନୟ ଜୀବନ ଆରମ୍ଭ କରି ବଲିଉଡରେ ପଦାର୍ପଣ କରିବାକୁ ଯାଉଛନ୍ତି ସନି ଦେଓଲଙ୍କ ପୁତ୍ର କରନ।



# ୩୦ବର୍ଷ ପରେ ଘରକୁ ଫେରିଲେ ମହିଳା

ବାରିପଦା ଅଫିସ,୩।୯

ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ ପାରିଆକୁଲି ଗ୍ରାମର ଜନୈକା ମହିଳା ନିଖୋଜ ହେବାର ଦୀର୍ଘ ୩୦ବର୍ଷ ପରେ ଘରକୁ ଫେରିଛନ୍ତି। ମହିଳା ଜଣକ ହେଲେ ଗଣେଶ୍ୱର ବେହେରାଙ୍କ ପତ୍ନୀ ସୁମିତ୍ରା (୬୫) । ମାନସିକ ବିକୃତିର ଶିକାର ହୋଇ ସେ ଘର ଛାଡି କେଉଁଆଡେ ଚାଲି ଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି କୌଣସି ସନ୍ଧାନ ପାଇ ନ ଥିଲେ। ଦୀର୍ଘ ବର୍ଷ ପରେ ସେ ଘରକୁ ସୁସ୍ଥ ହୋଇ ଫେରି ଆସିଥିବାରୁ ପରିବାର ଲୋକଙ୍କ ଖୁସିର ସୀମା ନାହିଁ। ଗ୍ରାମବାସୀ ସୁମିତ୍ରାଙ୍କ ସମେତ ତାଙ୍କୁ ଘରେ ଛାଡିବାକୁ ଆସିଥିବା ଓଡ଼ିଶା ଶାଖା ଶ୍ରଦ୍ଧା ଚାରିଟେବୁଲ ଟ୍ରଷ୍ଟର ୨ ଜଣଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ କରିଛନ୍ତି।

ପରିବାର ଲୋକେ କହିଛନ୍ତି, ବିବାହ ପୂର୍ବରୁ ଓ ପରେ ସେ ସୁସ୍ଥ ଥିଲେ ଓ ଦୁଇଟି ସନ୍ତାନର ଜନନୀ ହୋଇଥିଲେ। ୧୯୭୪ରେ ମାନସିକ ରୋଗରେ ପୀଡିତ ହେଇଥିଲେ। ବହୁ ସମୟରେ ସେ ଘରୁ ବାହାରକୁ ଯାଇ ଏଣେତେଣେ ବୁଲାବୁଲି କରି ଘରକୁ ଫେରୁଥିଲେ। ତାଙ୍କର ଏପରି ଅବସ୍ଥା ଦେଖି ତାଙ୍କ ସ୍ୱାମୀ ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନକୁ ନେଇ ଚିକିତ୍ସା କରାଇଥିଲେ । ମାତ୍ର ସ୍ୱାସ୍ଥ୍ୟବସ୍ଥାରେ କୌଣସି ସୁଧାର ଆସି ନ ଥିଲା। ସେ ଏକ ଠାକୁରଙ୍କ ଫଟୋକୁ ଧରି ଦୁଇ ଶିଶୁପୁତ୍ର ଓ ସ୍ୱାମୀଙ୍କୁ ଛାଡି କୁଆଡେ ପଳାଇଯାଇଥିଲେ। ସେତେବେଳେ ସ୍ଥାନୀୟ ଥାନାରେ ତାଙ୍କ ସ୍ୱାମୀ ଅଭିଯୋଗ କରିଥିଲେ । ଘଟଣାକ୍ରମେ ୨୦୦୫ରେ ଶ୍ରଦ୍ଧା ଚାରିଟେବୁଲ ଟ୍ରଷ୍ଟର ଜଣେ ସଦସ୍ୟ ମୁମ୍ବାଇର କରିଯାତ ରେଳ ଷ୍ଟେସନରୁ ସୁମିତ୍ରାଙ୍କୁ ଉଦ୍ଧାର କରିଥିଲେ । ତାଙ୍କର ମାନସିକ ବିକୃତି ଥିବା ଜାଣି ସେ ତାଙ୍କୁ ଚେନ୍ନାଇ ସ୍ଥିତ ଇନଷ୍ଟିଚ୍ୟୁଟ ଅଫ୍ ମେଣ୍ଟାଲ ହସପିଟାଲକୁ ନେଇ ଭର୍ତ୍ତି କରିଥିଲେ । ଚିକିତ୍ସିତ ହେବାର କିଛି ବର୍ଷ ପରେ ତାଙ୍କ ମାନସିକ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଆସିଥିଲା। କିଛି ଦିନ ତଳେ ଓଡ଼ିଶା ଶାଖା ଶ୍ରଦ୍ଧା ଚାରିଟେବୁଲ ଟ୍ରଷ୍ଟର ସଦସ୍ୟା ଲକ୍ଷ୍ମୀପ୍ରିୟା ବିଶୋଇ ଅନ୍ୟ ଜଣେ ମାନସିକ ବିକୃତ ରୋଗୀଙ୍କୁ ସେହି ଡାକ୍ତରଖାନାକୁ ଛାଡ଼ିବାକୁ ଯାଇଥିବା ବେଳେ ସେଠାରେ ସୁମିତ୍ରା ଓଡ଼ିଆ କହୁଥିବା ଦେଖି ତାଙ୍କ ସହିତ କଥା ହୋଇଥିଲେ। ସେ ଓଡ଼ିଶାର ଲୋକ ବୋଲି ଜାଣିବା ପରେ ଉଦ୍ଧାରକାରୀ ଟ୍ରଷ୍ଟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ । ସୁମିତ୍ରା ସାଧାରଣ ଅବସ୍ଥାକୁ ଫେରି ଆସିଥିବା ଡାକ୍ତର କହିବାରୁ ଲକ୍ଷ୍ମୀପ୍ରିୟା ତାଙ୍କୁ ଚେନ୍ନାଇରୁ ମୁମ୍ବାଇ ଆଣିଥିଲେ।



ଚାରିଟେବୁଲ ଟ୍ରଷ୍ଟର ଦୁଇ ମହିଳାଙ୍କ ସହ ସୁମିତ୍ରାଙ୍କୁ ଗ୍ରାମବାସୀ ସ୍ୱାଗତ କରୁଛନ୍ତି।

ଟ୍ରଷ୍ଟର ସଦସ୍ୟା ଲକ୍ଷ୍ମୀପ୍ରିୟା ବିଶୋଇ ଓ ସରିତା ଦେଶମୁଖ ତାଙ୍କୁ ନେଇ ଗତ ୨୯ ତାରିଖରେ ମୁମ୍ବାଇରୁ ବାହାରିଥିଲେ। ମଙ୍ଗଳବାର ପୂର୍ବାହ୍ନ ୯ଟା ସମୟରେ ସୁମିତ୍ରା ନିଜ ଗ୍ରାମ ପାରିଆକୁଲିଠାରେ ଥିବା ପରିବାର ନିକଟରେ ପହଞ୍ଚିଥିଲେ। ପରିବାର ଲୋକେ ସୁମିତ୍ରାଙ୍କୁ ଦେଖି ଚିହ୍ନି ପାରିଥିଲେ। ସେ ମଧ୍ୟ ନିଜ ସ୍ୱାମୀ ଓ ସମ୍ପର୍କୀୟଙ୍କୁ ଚିହ୍ନି ଥିଲେ। କିନ୍ତୁ ନିଜର ଶିଶୁପୁତ୍ର ଦ୍ୱୟ ବଡ଼ ହୋଇ ଯାଇଥିବାରୁ ସେମାନଙ୍କୁ ଚିହ୍ନି ପାରି ନ ଥିଲେ। ପରେ ମା' ଓ ତାଙ୍କ ଦୁଇ ପୁଅଙ୍କ ମିଳନ ସବୁରି ଆଖିରେ ଲୁହ ଭରି ଦେଇଥିଲା। ଏହି ଅବସରରେ ଗ୍ରାମବାସୀ ଶ୍ରଦ୍ଧା ଚାରିଟେବୁଲ ଟ୍ରଷ୍ଟକୁ ଧନ୍ୟବାଦ ଜଣାଇ ଏହାର ଦୁଇ ସଦସ୍ୟାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

**ODISHA**
**News**

**ODIA**

**THE SAMAJA**
**Baleswar**

**SEPTEMBER 2019**

100 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2018-2020

- Baleswar, Wednesday, 4 September 2019
- ବାଲେଶ୍ୱର, ଶନିବାର ୧୨ ସେପ୍ଟେମ୍ବର ୨୦୨୦
- ଆଜି ସିଂହ ୨୮ ଦିନ, ୧୪୨୮ ସାଲ
- ଭାଦ୍ରବ ୨୧ ଦିନ, ୧୯୪୨ ଶକାବ୍ଦ, କୃଷ୍ଣପକ୍ଷ ଦଶମୀ
- ଭାଗ- ୯୧ ସଂଖ୍ୟା- ୨୫୦
- www.thesamaja.com
  www.samajaepaper.com
  www.samajalive.in

ଟ ୫.୦୦ (୧୨ ପୃଷ୍ଠା)

ସମାଜ®
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
PRINTED AT CUTTACK, SAMBALPUR, BALESWAR, VISAKHAPATNAM

ୟୁଏସ୍ ଓପନ୍ : ପାଭିକ୍-ସ୍ୱାରେସ୍ ପୁରୁଷ ଡବଲ୍ସ ଚମ୍ପିଆନ୍



# ୩୫ ବର୍ଷପରେ ମହିଳାଙ୍କ ଘରବାହୁଡା



ଚିତ୍ରଡା/ସାନମୁଣ୍ଡାବଣି,୩/୯ (ନି.ପ୍ର):-ମସ୍ତିଷ୍କ ବିକୃତି ଯୋଗୁ ଘରୁ କେଉଁଆଡେ ପଳାଇ ଯାଇଥିବା ଗୃହିଣୀ ଦୀର୍ଘ ୩୫ ବର୍ଷ ପରେ ଘରକୁ ଫେରିବା ଘଟଣା ବିଭିନ୍ନ ମହଲରେ ଚର୍ଚ୍ଚିତ ହୋଇପଡିଛି। ଘରବାହୁଡା ମହିଳାଙ୍କୁ ଦେଖିବାପାଇଁ ଲୋକଙ୍କ ଗହଳି ଲାଗିଥିଲା।

ଘଟଣାରୁ ଜଣାପଡିଛି ଯେ ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ସାନମୁଣ୍ଡାବଣି ପଞ୍ଚାୟତ ପାରିଆକୁଲି ଗ୍ରାମର ଭୁବନେଶ୍ୱର ବେହେରାଙ୍କ ସ୍ତ୍ରୀ ସୁମିତ୍ରା ବେହେରା ପ୍ରାୟ ୩୦ ବର୍ଷ ବୟସରେ ପାଗଳୀହୋଇ ଘରୁ ପଳାଇ ଯାଇଥିଲେ। ଘରଲୋକ ଖୋଜାଖୋଜିକରି ପାଇନଥିଲେ। ଆଶା ଓ ଆଶଙ୍କାରେ ପରିବାର ଦିନକାଟୁଥିଲା। ହଠାତ ମଙ୍ଗଳବାର ସକାଳେ ମୁମ୍ବାଇର ଶ୍ରଦ୍ଧା ରିହାବିଲିଟେସନ ଫାଉଣ୍ଡେସନର କାର୍ଯ୍ୟରତ ଓଡିଆ ଝିଅ ଲକ୍ଷ୍ମୀପ୍ରିୟା ବିଶୋଇ ଓ ସାଥି ସରିତା ଦେଶମୁଖ ସେହି ଗୃହିଣୀଙ୍କୁ ବୃଦ୍ଧାବସ୍ଥାରେ ଘରେ ଛାଡିବାକୁ ଆଣି ଚିତ୍ରଡାରେ ପହଞ୍ଚିଥିଲେ। ଏଭଳି ବଦାନ୍ୟତା ଦେଖି ଅଞ୍ଚଳର ଜନସାଧାରଣ ସେହି ଦୁଇଜଣ ତରୁଣୀଙ୍କୁ କୃତଜ୍ଞତା, ଧନ୍ୟବାଦ, ସାଧୁବାଦ ଇତ୍ୟାଦି ଜଣାଇ ପାହାଡ ଠିଆ କରିଦେଇଥିଲେ।

ଦୁଇ ତରୁଣୀଙ୍କ ମଧ୍ୟରୁ ନୟାଗଡର ଓଡିଆ ଝିଅ ଲକ୍ଷ୍ମୀପ୍ରିୟା ବିଶୋଇ ଦେଇଥିବା ସୂଚନା ଅନୁଯାୟୀ ଘରୁ ପଳାଇ ଯାଇଥିବା ସୁମିତ୍ରା ପେଗଲୀ ହୋଇ ଚେନ୍ନାଇରେ ବୁଲୁଥିବାବେଳେ ସେଠାକାର ପାଗଳରୋଗୀ ଡାକ୍ତରଖାନା ଆଇଏମଏଚ ତାଙ୍କୁ ଉଦ୍ଧାରକରି ଚିକିତ୍ସାକରି ସୁସ୍ଥ କରିଥିଲେ। ୨୦୦୫ ମସିହାରୁ ଚିକିତ୍ସିତ ହେଉଥିବା ସୁମିତ୍ରାଙ୍କୁ ଓଡିଆ ଝିଅ ଲକ୍ଷ୍ମୀପ୍ରିୟା ଆଇଏମଏଚରେ ଭେଟିବାପରେ ସେ ଓଡିଆ ବୋଲି ଜାଣିବାପରେ ତାଙ୍କୁ ମୁମ୍ବାଇକୁ ନେଇଆସି ଏକମାସ ରଖିଥିଲେ। ତାଙ୍କ ଠିକଣା ଜାଣିବାପେର ଓଡିଆ ଝିଅର କମାଲ ଦେଖାଇ ତାଙ୍କୁ ଘରକୁ ଛାଡିବାପାଇଁଆଣି ମଙ୍ଗଳବାର ସକାଳେ ଚିତ୍ରଡାରେ ପହଞ୍ଚିଥିଲେ। ଖବରପାଇ ଦୁଇପୁଅ ସଞ୍ଜୟ ବେହେରା ଓ ସଞ୍ଜିବ ବେହେରା ଗ୍ରାମବାସୀଙ୍କ ସହ ଆସି ଚିତ୍ରଡାରେ ପହଞ୍ଚି ଚିହ୍ନିଥିଲେ ଓ ଘରକୁ ନେଇଯାଇଥିଲେ। ସୁମିତ୍ରା ଚିକିତ୍ସାଧୀନ ଥିବାରୁ ତାଙ୍କ ପାଇଁ ଔଷଧ ଦେଇ ଆଗକୁ ୩ ମାସ ପର୍ଯ୍ୟନ୍ତ ଔଷଧ ଯୋଗାଇ ଦିଆଯିବବୋଲି ଲକ୍ଷ୍ମୀପ୍ରିୟା କହିଥିଲେ। ଦୀର୍ଘ ୩୫ ବର୍ଷ ପରେ ଘରକୁ ଫେରିଥିବା ସୁମିତ୍ରାଙ୍କ ପାଇଁ ଗାଁରେ ଖୁସିର ଲହରି ଖେଳିଯାଇଥିବାବେଳେ ପରିବାରରେ ଝରିପଡୁଥିଲା ଆନନ୍ଦାଶ୍ରୁ। କହୁଥିଲେ ସବୁ ସେଇ ଈଶ୍ୱରଙ୍କ ଇଚ୍ଛା।

**ODISHA**
**News**

**ODIA**

**ENEWS**
**Baripada**

**SEPTEMBER 2019**

# Odisha Link

## ୩୦ ବର୍ଷ ପରେ ଗାଁକୁ ଫେରିଲେ ସୁମିତ୍ରା

1 min read
ଆଶିଷ କୁମାର ରଥ (04.09.2019)



**ବାରିପଦା:** ଦୀର୍ଘ ୩୦ ବର୍ଷ ପରେ ଘରକୁ ଫେରିଲେ ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ଥାନା ଅନ୍ତର୍ଗତ ପରିଆକୁଲି ଗ୍ରାମର ସୁମିତ୍ରା ବେହେରା। ବର୍ଷେ କିମ୍ବା ୨ବର୍ଷ ନୁହେଁ ପୁରା ୩୦ ବର୍ଷ ପରେ ନିଜ ମାଟିକୁ ଆସିଛନ୍ତି ସୁମିତ୍ରା। ମୁମ୍ବାଇ ର ଏକ ପ୍ରତିଷ୍ଠିତ ଏନଜିଓ ସଂସ୍ଥା ଶ୍ରଦ୍ଧା ରିହାବିଲିଟେସନ ଫାଉଣ୍ଡେସନ ଆଣ୍ଡ ହସ୍ପିଟାଲର ସାହାଯ୍ୟ ସହଯୋଗ ବଳରେ ନିଜ ମାଟିରେ ପହଞ୍ଚିପାରିଛନ୍ତି ସୁମିତ୍ରା।

୩୦ ବର୍ଷ ତଳେ ମହିଳା ଜଣଙ୍କ ଘରୁ କୁଆଡ଼େ ପଳାଇଥିଲେ। ପରିବାର ଲୋକଙ୍କ ବହୁତ ଖୋଜାଖୋଜି ପରେ ମଧ ସୁମିତ୍ରାଙ୍କର କୌଣସି ଖୋଜ ଖବର ମିଳିନଥିଲା। ସୁମିତ୍ରା ଘରୁ ଯିବା ସମୟରେ ତାଙ୍କର ଦୁଇ ପୁତ୍ର ମଧ ଥିଲେ। ସ୍ୱାମୀ ଅନ୍ୟତ୍ର ବିବାହ କରି ଘର ସଂସାର କରି ରହୁଥିଲେ। ସୁମିତ୍ରା ଘରୁ କୁଆଡ଼େ ଯାଇଛନ୍ତି ତାହା କାହା ପାଖରେ ବି ଖବର ନ ଥିଲା। ମୁମ୍ବାଇର ଏକ ଏନଜିଓ ସଂସ୍ଥା ସୁମିତ୍ରାକୁ ମାନସିକ ଅସୁସ୍ଥ ଅବସ୍ଥାରେ ରାସ୍ତାକଡରୁ ଉଦ୍ଧାର କରି ୨୦୦୫ ମସିହାରେ ଚେନ୍ନାଇର ଏକ ମେଣ୍ଟାଲ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ୨୦୦୫ରୁ ଚେନ୍ନାଇ ରେ ଚିକିତ୍ସିତ ହେଉଥିବା ସୁମିତ୍ରା ଙ୍କୁ ମୁମ୍ବାଇ ର ଏନଜିଓ ସଂସ୍ଥା ଶ୍ରଦ୍ଧା ରିହାବିଲିଟେସନ ଫାଉଣ୍ଡେସନ ଆଣ୍ଡ ହସ୍ପିଟାଲ ର ସାମାଜିକ କର୍ମୀ ଲକ୍ଷ୍ମୀପ୍ରିୟା ବିଶୋଇ କିଛି ଦିନ ପୂର୍ବରୁ ଭେଟିଥିଲେ। ସୁମିତ୍ରାଙ୍କ ଠାରୁ ଠିକଣା ସଂଗ୍ରହ କରିବା ପରେ ତାଙ୍କୁ ଉକ୍ତ ଅନୁଷ୍ଠାନ ପକ୍ଷରୁ ଗ୍ରାମକୁ ଅଣାଯାଇଛି।

ଦୀର୍ଘ ବର୍ଷ ପରେ ପରିଆକୁଲି ଗାଁକୁ ସୁମିତ୍ରା ଫେରୁଥିବା ଖବର ପାଇ ଗ୍ରାମବାସୀ ସ୍ୱାଗତ ପାଇଁ ଭିଡ଼ ଜମାଇଛନ୍ତି। ସେପଟେ ମାକୁ ପାଇ ଦୁଇ ପୁଅ ଆନନ୍ଦରେ ବିଭୋର ହୋଇପଡ଼ିଛନ୍ତି। ଗ୍ରାମବାସୀ ସୁମିତ୍ରାଙ୍କ ସମେତ ଦୁଇ ସାମାଜିକ କର୍ମୀଙ୍କୁ ଫୁଲ ଚନ୍ଦନ ଓ ଶଙ୍ଖ ହୁଳୁହୁଳି ରେ ଭବ୍ୟ ସମ୍ବର୍ଦ୍ଧନା ଦେଇ ପାଛୋଟି ନେଇଛନ୍ତି।

**ODISHA**
**News**

**ODIA**

**ETV BHARAT**
**Mayurbhanj**

**SEPTEMBER 2019**

ଭାରତ

ଓଡ଼ିଶା
ODISHA
HOME / STATE / MAYURBHANJ

A-MISSING-WOMEN-RETURN-HOME-AFTER-THIRTY-YEARS

# ତିରିଶ ବର୍ଷ ପରେ ମିଳିଲା ମା'

Published on :03 Sep 2019 , 08:15 pm IST



ତିରିଶ ବର୍ଷ ଧରି ନିଖୋଜ ଥିଲେ ମୋରଡ଼ା ଅଞ୍ଚଳର ସୁମିତ୍ରା ବେହେରା । ଆଉ ଆଜି ଫେରିଛନ୍ତି ଗ୍ରାମକୁ । ଏକ ସାମାଜିକ ସଂଗଠନର ସହଯୋଗରେ ଘରକୁ ପୁନର୍ବାର ଫେରି ପାରିଛନ୍ତି ନିଖୋଜ ମହିଳା ।

ବାରିପଦା: ବର୍ଷେ ନୁହେଁ କିମ୍ବା ଦୁଇ ବର୍ଷ । ଦୀର୍ଘ ତିରିଶ ବର୍ଷ ପରେ ଘରକୁ ଫେରିଛନ୍ତି ମୋରଡ଼ା ଥାନା ପରିଆକୁଲି ଗ୍ରାମର ସୁମିତ୍ରା ବେହେରା । ଏକ ସାମାଜିକ ଅନୁଷ୍ଠାନର ସହଯୋଗରେ ଘରକୁ ଫେରିଛନ୍ତି ସୁମିତ୍ରା । 30 ବର୍ଷ ତଳେ ମହିଳା ଜଣଙ୍କ ଘରୁ କୁଆଡ଼େ ପଳାଇଥିଲେ । ପରିବାର ଲୋକଙ୍କ ବହୁତ ଖୋଜାଖୋଜି ପରେ ମଧ୍ୟ ସୁମିତ୍ରାଙ୍କର କୌଣସି ଖୋଜ ଖବର ମିଳିନଥିଲା ।

ଭିଡ଼ିଓ ସୌଜନ୍ୟ: ସମ୍ବାଦଦାତା, ମୟୂରଭଞ୍ଜ

ସୁମିତ୍ରା ଘରୁ ଯିବା ସମୟରେ ତାଙ୍କର ଦୁଇ ପୁତ୍ର ମଧ୍ୟ ରହିଥିଲେ । ସ୍ୱାମୀ ଅନ୍ୟତ୍ର ବିବାହ କରି ଘର ସଂସାର କରି ରହୁଥିଲେ । ସୁମିତ୍ରା ଘରୁ କୁଆଡ଼େ ଯାଇଛନ୍ତି ତାହା କାହା ପାଖରେ ଖବର ନ ଥିଲା । ମୁମ୍ବାଇର ଏକ ଏନଜିଓ ସଂସ୍ଥା ସୁମିତ୍ରାକୁ ମାନସିକ ଅସୁସ୍ଥ ଅବସ୍ଥାରେ ରାସ୍ତାକଡରୁ ଉଦ୍ଧାର କରି 2005 ମସିହାରେ ଚେନ୍ନାଇର ଏକ ମେଣ୍ଟାଲ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । 2005 ରୁ ଚେନ୍ନାଇ ରେ ଚିକିତ୍ସିତ ହେଉଥିବା ସୁମିତ୍ରା ଙ୍କୁ ମୁମ୍ବାଇ ରଏନଜିଓ ସଂସ୍ଥା ଶ୍ରଦ୍ଧା ରିହାବିଲିଟେସନ ଫାଉଣ୍ଡେସନ ଆଣ୍ଡ ହସ୍ପିଟାଲ ର ସାମାଜିକ କର୍ମୀ ଲକ୍ଷ୍ମୀପ୍ରିୟା ବିଶୋଇ କିଛି ଦିନ ପୂର୍ବରୁ ଭେଟିଥିଲେ । ସୁମିତ୍ରାଙ୍କ ଠାରୁ ଠିକଣା ସଂଗ୍ରହ କରିବା ପରେ ତାଙ୍କୁ ଉକ୍ତ ଅନୁଷ୍ଠାନ ପକ୍ଷରୁ ଗ୍ରାମକୁ ଅଣାଯାଇଛି

ଦୀର୍ଘ ବର୍ଷ ପରେ ପରିଆକୁଲି ଗାଁକୁ ସୁମିତ୍ରା ଫେରୁଥିବା ଖବର ପାଇ ଗ୍ରାମବାସୀ ସ୍ୱାଗତ ପାଇଁ ଭିଡ଼ ଜମାଇଛନ୍ତି । ସେପଟେ ମାକୁ ପାଇ ଦୁଇ ପୁଅ ଆନନ୍ଦରେ ବିଭୋର ହୋଇପଡ଼ିଛନ୍ତି । ଗ୍ରାମବାସୀ ସୁମିତ୍ରାଙ୍କ ସମେତ ଦୁଇ ସାମାଜିକ କର୍ମୀଙ୍କୁ ଫୁଲ ଚନ୍ଦନ ଓ ଶଙ୍ଖ ହୁଳହୁଳି ରେ ଭବ୍ୟ ସମ୍ବର୍ଦ୍ଧନା ଦେଇ ପାଛୋଟି ନେଇଛନ୍ତି ।

ODISHA

News

ODIA

SAMBAD

Balasore

SEPTEMBER 2019

୯ମ-୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ



ଶିକ୍ଷା ସମ୍ବାଦ ପୃଷ୍ଠା › ୧୦

www.sambadepaper.com/sambad.in

SAMBAD

ସମ୍ବାଦ

ଅନିଶାଙ୍କ ଜଳପ୍ରପାତ ଆବିଷ୍କାର



Wednesday, 4 September, 2019 | Page 18 ₹ 7.00 | ଭୁବନେଶ୍ୱର | ଶନିବାର ୧୨ ସେପ୍ଟେମ୍ବର ୨୦୨୦ | ୧୮ ପୃଷ୍ଠା, ମୂଲ୍ୟ ୭ ଟଙ୍କା | PRINTED AT BHUBANESWAR | BALASORE | JEYPORE | BARGARH | BALASORE

# ୩୦ ବର୍ଷ ପରେ ଘରକୁ ଫେରିଲେ ମହିଳା

ଚିତ୍ରଡ଼ା, ୩/୯(ଇମିସ): ବିବାହ ପରେ ସୁରୁଖୁରରେ ଚାଲିଥିଲା ସୁମିତ୍ରାଙ୍କ ସଂସାର। ହେଲେ ହଠାତ ମାନସିକ ସନ୍ତୁଳନ ବିଗିଡିଗଲା ଏବଂ ୧୯୮୯ ମସିହାରେ ଘରୁ କେଉଁ ଆଡ଼କୁ ଚାଲିଯାଇଥିଲେ। ଅଉ ଆଜି ହଠାତ୍ ସୁମିତ୍ରା ଗାଁକୁ ଫେରି ଆସିଛନ୍ତି। ୩୦ ବର୍ଷ ପରେ ମା'କୁ ପାଇ ଦୁଇ ପୁଅଙ୍କ ସମେତ ସାରା ଗାଁ ଖୁସୀରେ ଆତ୍ମବିଭୋର ହୋଇ ସୁମିତ୍ରାଙ୍କୁ ସିନ୍ଦୁର ଚନ୍ଦନ ଲଗାଇ ବନ୍ଦାପନା କରି ସ୍ୱାଗତ କରିଛନ୍ତି। ସୂଚନା ଯୋଗ୍ୟ ମୟୂରଭଞ୍ଜ ଜିଲ୍ଲା ମୋରଡା ବ୍ଲକ ସାନମୁଣ୍ଡାବଣି ପଞ୍ଚାୟତ ପାରିଆକୁଲି ଗ୍ରାମର ଗଣେଶ୍ୱର ବେହେରାଙ୍କ ସ୍ତ୍ରୀ ସୁମିତ୍ରା(୬୦) ୧୯୮୯ ମସିହାରୁ ଘରୁ କେଉଁ ଆଡ଼କୁ ଚାଲିଯାଇଥିଲେ। ପରିବାର ଲୋକେ ଏବଂ ସ୍ୱାମୀ ଅନେକ ଖୋଜାଖୋଜି କରିଥିଲେ ବି କୌଣସି ସୂଚନା ପାଇନଥିଲେ। ସୁମିତ୍ରା ଘରଛାଡି ଗଲାବେଳକୁ ତାଙ୍କର ଦୁଇ ପୁଅ ସଞ୍ଜୟ ଏବଂ ସଞ୍ଜୀବ ୮ ଓ ୧୦ ବର୍ଷର ହୋଇଥିଲେ। ଇତି ମଧ୍ୟରେ ଦୀର୍ଘ ୩୦ ବର୍ଷ ବିତି ଯାଇଥିଲେ ସୁଦ୍ଧା ନିଖୋଜ ସୁମିତ୍ରାଙ୍କର କୌଣସି ଖୋଜ ଖବର ନଥିଲ ଏବଂ ସୁମିତ୍ରାଙ୍କ ସ୍ୱାମୀ ମଧ୍ୟ ଦ୍ୱିତୀୟ ବିବାହ ମଧ୍ୟ କରିସାରିଛନ୍ତି। ସୁମିତ୍ରାଙ୍କ ପୁଅ ସଞ୍ଜୟ (୪୦) ଏବଂ ସଞ୍ଜୀବ(୩୮)ମଧ୍ୟ ବିବାହ କରି ସଂସାର କରିଛନ୍ତି। ଆଉ ଆଜି ହଠାତ ସୁମିତ୍ରା ନିଜ ଘରକୁ ଫେରିଆସିଛନ୍ତି। ସୁମିତ୍ରାଙ୍କୁ ଫେରାଇ ଆଣିଥିବାରେ ୨ ଜଣ ସ୍ୱେଚ୍ଛାସେବୀ ଯୁବତୀଙ୍କ ହାତ ରହିଛି। ଶ୍ରଦ୍ଧା

## ଶ୍ରଦ୍ଧା ଫାଉଣ୍ଡେସନ ପାଇଥିଲା ପରିଚୟ

ରିହାବିଲିଟେସନ ଫାଉଣ୍ଡେସନର ସଦସ୍ୟା ତଥା ନୟାଗଡ଼ ଜାମୁଝଲା ଗ୍ରାମର ଲକ୍ଷ୍ମୀପ୍ରିୟା ବିଶୋଇ ଏବଂ ମଧ୍ୟପ୍ରଦେଶ ଅଞ୍ଚଳର ଯୁବତୀ ସରିତା ଦେଶମୁଖ ତାଙ୍କୁ ମହାରାଷ୍ଟ୍ରରୁ ଉକ୍ତ ସଂସ୍ଥା ମାଧ୍ୟମରେ ଉଦ୍ଧାର କରି ହସ୍ପିଟାଲରେ ଚିକିତ୍ସା କରିଥିଲା। ଉକ୍ତ ସଂସ୍ଥା ମାନସିକ ରୋଗୀ ଏବଂ ପାଗଳମାନଙ୍କ ଚିକିତ୍ସା ସହିତ ସେମାନଙ୍କୁ ତାଙ୍କ ପରିବା ପର୍ଯ୍ୟନ୍ତ ପହଞ୍ଚାଇବାର କାର୍ଯ୍ୟ କରୁଅଛି। ଏହି ସଂସ୍ଥା ସୁମିତ୍ରାଙ୍କୁ ଉଦ୍ଧାର କରିବା ସହିତ ଚିକିତ୍ସା କରି କାଉନ୍‌ସିଲିଂ ମାଧ୍ୟରେ ଘର ଠିକଣା ପାଇଥିଲା। ଗତ ସୋମବାର ରାତିରେ



ଭୁବନେଶ୍ୱରରେ ପହଞ୍ଚିବା ପରେ ଆଜି ଚିତ୍ରଡାରେ ପହଞ୍ଚି ଥିଲେ ସୁମିତ୍ରା। ତାଙ୍କ ଏହି ଘର ବାହୁଡ଼ା ପାଇଁ ଶ୍ରଦ୍ଧା ଫାଉଣ୍ଡେସନ ଏବଂ ଲକ୍ଷ୍ମୀପ୍ରିୟାଙ୍କୁ ଢେର ପ୍ରସଂଶା କରିଛନ୍ତି ଅଞ୍ଚଳବାସୀ।

**ODISHA**

**News**

**ODIA**

**DHARITRI**

**Rayagada**

**SEPTEMBER 2019**


ଧରିତ୍ରୀ

DHARITRI

ରାୟଗଡ଼ା, ଶୁକ୍ରବାର, ସେପ୍ଟେମ୍ବର ୨୭ /୨୦୧୯ (୧୬+୪ ପୃଷ୍ଠା) Rayagada, Friday, September 27 / 2019


### ବର୍ଷେ ତଳେ ଘର ଛାଡି ଚାଲି ଯାଇଥିଲେ

# ସୁସ୍ଥ ହୋଇ ଫେରିଲେ ମାନସିକ ଅସୁସ୍ଥ ବୃଦ୍ଧ

ମାଲକାନଗିରି, ୨୬।୯(ଡି.ଏନ୍.ଏ)

ସ୍ତ୍ରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। କିନ୍ତୁ ସ୍ତ୍ରୀଙ୍କ ଚିକିତ୍ସା କଥା ଭୁଲିଯାଇ ମାନସିକ ବିକାରଗ୍ରସ୍ତ ସୂର୍ଯ୍ୟ ନାରାୟଣ ନାଇଡୁ ଡାକ୍ତରଖାନା ପରିସରରୁ କୁଆଡେ ଚାଲି ଯାଇଥିଲେ। ପରିବାର ଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ପାଇ ନ ଥିଲେ। ବର୍ଷେ ପରେ ହଠାତ ସୁସ୍ଥ ହୋଇ ଗୁରୁବାର ଘରକୁ ଫେରିଥିଲେ। ଦୀର୍ଘ ଏକ ବର୍ଷ ପରେ ପରିବାର ଲୋକ ତାଙ୍କୁ ଦେଖି ଖୁସିରେ ବିହ୍ୱଳ ହୋଇ ପଡିଛନ୍ତି। ସୂର୍ଯ୍ୟ ନାରାୟଣ ସୁସ୍ଥ ହୋଇ ଫେରି ଆସିଥିବାର ଏପରି ଏକ ସୁଖଦ ମୁହୂର୍ତ୍ତକୁ ଦେଖିବା ପାଇଁ ତାଙ୍କ ସ୍ତ୍ରୀ କିନ୍ତୁ ଆଉ ଇହଧାମରେ ନାହାନ୍ତି। ତାଙ୍କୁ ସୁସ୍ଥ କରି ଘରକୁ ପହଞ୍ଚାଇବାରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହାୟତାକୁ ସାଧାରଣରେ ପ୍ରଶଂସା କରାଯାଇଛି। ମାଲକାନଗିରି ସଦର ମହକୁମା ପାତ୍ରଗୁଡାରେ ଏପରି ଏକ ଘଟଣା ଦେଖିବାକୁ ମିଳିଛି । ପାତ୍ରଗୁଡାର ସୂର୍ଯ୍ୟ ନାରାୟଣ ନାଇଡୁ(୬୨) ମାନସିକ ରୋଗରେ ପୀଡିତ ହୋଇ ଏଣେତେଣେ ବୁଲୁଥିଲେ। ବର୍ଷେ ତଳେ ସ୍ତ୍ରୀ ସବିତାଙ୍କ ଶରୀର ଅସୁସ୍ଥ ହୋଇଥିଲା। ମା'ଙ୍କ ଚିକିତ୍ସା ପାଇଁ ସୂର୍ଯ୍ୟନାରାୟଣଙ୍କ ପୁଅ ସୀମାଞ୍ଚଳ ତାଙ୍କୁ ବିଶାଖାପାଟଣା ନେଇଥିଲେ। ସୂର୍ଯ୍ୟ ନାରାୟଣ ମଧ୍ୟ ସାଙ୍ଗରେ ଯାଇଥିଲେ। ବିଶାଖାପାଟଣାର ଏକ ଘରୋଇ ଡାକ୍ତରଖାନାରେ ସବିତାଙ୍କ



ସ୍ୱେଚ୍ଛାସେବୀର କର୍ମକର୍ତ୍ତାଙ୍କ ସହ ସୂର୍ଯ୍ୟନାରାୟଣ ଓ ତାଙ୍କ ପୁଅ ।

ଚିକିତ୍ସା ଚାଲିଥିବା ବେଳେ ସୂର୍ଯ୍ୟନାରାୟଣ କେଉଁଆଡେ ଚାଲି ଯାଇଥିଲେ। ପରିବାର ଲୋକ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। କିନ୍ତୁ ବର୍ଷକ ପରେ ଗୁରୁବାର ମୁମ୍ବାଇର ଶ୍ରଦ୍ଧା ରିହାବିଲିଟେଶନ୍ ଫାଉଣ୍ଡେଶନର କେତେଜଣ ସାମାଜିକ କର୍ମୀ ସୂର୍ଯ୍ୟନାରାୟଣଙ୍କୁ ଆଣି ତାଙ୍କ ପରିବାରଙ୍କୁ ହସ୍ତାନ୍ତର କରିଛନ୍ତି। ସେମାନଙ୍କ କହିବାନୁଯାୟୀ ବର୍ଷେ ତଳେ ସୂର୍ଯ୍ୟ ନାରାୟଣ ଦିଲ୍ଲୀରେ ବୁଲୁଥିବା ବେଳେ ଆମ ସଂସ୍ଥା ଉଦ୍ଧାର କରିଥିଲା। ସେତେବେଳେ ସେ ତାଙ୍କର ନାମ ବ୍ୟତୀତ ଆଉ କିଛି କହି ପାରୁ ନ ଥିଲେ। ଦିଲ୍ଲୀରୁ ଆଣି ତାଙ୍କୁ ମୁମ୍ବାଇର ଏକ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ଚିକିତ୍ସା ପରେ ସୂର୍ଯ୍ୟନାରାୟଣ ସୁସ୍ଥ ହୋଇ ତାଙ୍କ ପରିଚୟ ଓ ଠିକଣା ଜଣାଇଥିଲେ। ପରେ ମୁମ୍ବାଇରୁ ଆଣି ସୂର୍ଯ୍ୟନାରାୟଣଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରିଛୁ ବୋଲି ସେମାନେ କହିଛନ୍ତି। ବାପା ବିଶାଖାପାଟଣାରୁ ପଳାଇବା ପରେ ଆମେ ଆନ୍ଧ୍ର ଏବଂ ଓଡିଶାର ଅନେକ ସ୍ଥାନରେ ଖୋଜାଖୋଜି କରିଥିଲୁ। କିନ୍ତୁ ବାପାଙ୍କୁ ପାଇ ନ ଥିଲୁ। ସେ ସମୟରେ ମା ମଧ୍ୟ ମୃତ୍ୟୁ ବରଣ କରିଥିଲେ। ବାପାଙ୍କୁ ପାଇବା ଆଶା ସମ୍ପୂର୍ଣ୍ଣ ଭାବେ ଛାଡି ସାରିଥିଲୁ। ବାପାଙ୍କୁ ଆମ ପାକକୁ ଫେରାଇ ଆଣି ଥିବାରୁ ଶ୍ରଦ୍ଧା ଫାଉଣ୍ଡେଶନ କର୍ମକର୍ତ୍ତାଙ୍କ ଧନ୍ୟବାଦ ଜଣାଉଛି ବୋଲି ସୀମାଞ୍ଚଳ କହିଛନ୍ତି।

**ODISHA**

**News**

**ODIA**

**THE SAMAJA**

**Baleswar**

**JUNE 2021**


101 YEARS OF PUBLICATION

Daily Edition: R.N.I. No. 4005/57

P.R. No. CK(C)/17/2021-2023

- Baleswar, Tuesday 22 June 2021
- ବାଲେଶ୍ୱର, ମଙ୍ଗଳବାର ୨୨ ଜୁନ୍ ୨୦୨୧
- ଆଜି ମିଥୁନ ୮ ଦିନ, ୧୪୨୮ ସାଲ
- ଆଷାଢ଼ ୧ ଦିନ, ୧୯୪୩ ଶକାବ୍ଦ, ଶୁକ୍ଳପକ୍ଷ ଦ୍ୱାଦଶୀ
- ଭାଗ- ୯୨ ସଂଖ୍ୟା- ୧୬୯
- www.thesamaja.com
  www.samajaepaper.com
  www.samajalive.in

ଟ ୬.୦୦ (୧୨ ପୃଷ୍ଠା)

ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

PRINTED AT CUTTACK, SAMBALPUR, BALESWAR, VISAKHAPATNAM


ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍ ।
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।।
*(ଶ୍ରୀମଦ୍ ଭଗବଦ୍ ଗୀତା)*



ସାଧୁ ପୁରୁଷମାନଙ୍କୁ ଉଦ୍ଧାର ଓ ପାପୀମାନଙ୍କୁ ବିନାଶ କରିବା ପାଇଁ ଏବଂ ଧର୍ମ ସଂସ୍ଥାପନ ନିମନ୍ତେ ମୁଁ ଯୁଗେ ଯୁଗେ ପ୍ରକଟ ହୋଇଥାଏ ।

# ୪ ବର୍ଷ ପରେ ହଜିଲା ପୁଅକୁ ଫେରିପାଇଲେ ମା'

ବଡ଼ବିଲ,୨୧।୬(ନି.ପ୍ର): ବଡ଼ବିଲ ପୌରାଞ୍ଚଳ ଅନ୍ତର୍ଗତ ଗାଡ଼ା ହଟିଂରେ ବାସ କରନ୍ତି ସୋନି ତାମୁଡ଼ିଆ । ସେ ଦିନ ମଜୁରିଆ ଭାବେ କାମ କରି ପେଟ ପୋଷନ୍ତି । ସ୍ୱାମୀ ତାଡୁ ତାମୁଡ଼ିଆ ପ୍ରାଣ ହରାଇଥିବା ବେଳେ ପୁଅ ରାଜା ତାମୁଡ଼ିଆର ସାମାନ୍ୟ ମାନସିକ ବିକୃତି ଥିବା କାରଣରୁ ସେ ଅନେକ ସମୟରେ ଏକୁଟିଆ କେଉଁଆଡ଼େ ପଳାଇଯାଏ । ତେବେ ତାକୁ ମାତ୍ର ୮ ବର୍ଷ ବୟସ ହୋଇ ଥିବାବେଳେ ସେ ଦିନେ ଘରୁ କେଉଁଆଡ଼େ ନିଖୋଜ ହୋଇ ଯାଇଥିଲା । ବହୁ ଖୋଜା ଖୋଜି କରିବାପରେ ମଧ ତାର କୌଣସି ପତ୍ତା ମିଳି ନଥିଲା । ରାଜା ଘରୁ ପଳାଇଯିବାପରେ ତାର ବାପାଙ୍କ ମୃତ୍ୟୁ ହୋଇଥିଲା । ଘରେ ଆଉ ୪ଜଣ ପିଲାଙ୍କୁ ନେଇ ସୋନି ତାମୁଡ଼ିଆ ବହୁ କଷ୍ଟରେ ଘର ଚଳାଉଛି । ଏରେ ମୁମ୍ବାଇସ୍ଥିତ ଶ୍ରଦ୍ଧା ଫାଉଣ୍ଡେସନର ଜଣେ ସଦସ୍ୟ କେନ୍ଦୁଝର ସଦର ଅଞ୍ଚଳର ଜଣେ ସମାଜସେବୀ ସଞ୍ଜୀବକୁମାର ସାହୁଙ୍କୁ ଦୂରଭାଷ ମାଧ୍ୟମରେ ଜଣାଇଥଲେ ଏବଂ ତାଙ୍କ ନିକଟକୁ ନିଖୋଜ ରାଜାର ଏକ ଚଳଚ୍ଚିତ୍ର (ଭିଡିଓ)ପଠାଇଥିଲେ । ସଞ୍ଜୀବ କୁମାର ସାହୁ ଏହି ଚଳଚ୍ଚିତ୍ରକୁ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଛାଡ଼ିବାପରେ ବଡ଼ବିଲ ସହରର କିଛି ଯୁବକ ତାର ମାଆକୁ ଏହି ଚିତ୍ର ଦେଖାଇବାରୁ ସେ ତାଙ୍କର ହଜିଲା ପୁଅାକୁ ଚିହ୍ନି ପାରିଥିଲେ । ଶ୍ରଦ୍ଧା ଫାଉଣ୍ଡେସନର ସୂଚନା ମୁତାବକ, ଏହି ପିଲାଟି ଘରୁ ନିଖୋଜ ହୋଇଯିବାପରେ କୌଣସି ପ୍ରକାରେ ଗୁଜୁରାଟର ଭୁଜଠାରେ ରାସ୍ତା କଡ଼ରେ ପ୍ରାୟ ୨ ବର୍ଷ କଟାଇଥିଲା ଏବଂ ତାକୁ ସେଠାରେ ସରକାରୀ ମାନସିକ ରୋଗ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାକାର ଏକ ସାମାଜିକ ସଂସ୍ଥା ଜରିଆରେ ତାକୁ ମୁମ୍ବାଇର ଶ୍ରଦ୍ଧା ଫାଉଣ୍ଡେସନକୁ ପଠାଯାଇଥିଲା । ଉକ୍ତ ସଂସ୍ଥା ତରଫରୁ ରାଜାର ମାନସିକ ରୋଗର ଚିକିତ୍ସା କରାଯିବାପରେ ସେ ତାର ପରିଚୟ ଜଣାଇବାକୁ ସକ୍ଷମ ହୋଇଥିଲା । ପରେ ତାକୁ ଫାଉଣ୍ଡେସନ ତରଫରୁ ରେଳ ଯୋଗେ ଭୁବନେଶ୍ୱର ଅଣାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।




# ନେପାଳର ନାବାଳକ ଯାଜପୁରରୁ ଉଦ୍ଧାର

ଯାଜପୁରସଦର,୨୧।୬(ନି.ପ୍ର): ଯାଜପୁର ପୌରାଞ୍ଚଳରୁ ଆଜି ଏକ ନେପାଳ ଦେଶର ନାବାଳକକୁ ଉଦ୍ଧାର କରିଛି ଯାଜପୁର ଶିଶୁ ସୁରକ୍ଷା ୟୁନିଟ । ସେ ଜାତୀୟ ରାଜପଥ ଉପରେ ପିଲାଟି ଅସୁରକ୍ଷିତ ଅବସ୍ଥାରେ ଥିବା ବେଳେ ଯାଜପୁରର ଜଣେ ବ୍ୟବସାୟୀ ଉଦ୍ଧାର କରି ଖାଇବା ପିଇବା ଦେବା ସହ ପ୍ରଶାସନକୁ ଅବଗତ କରାଇଥିଲେ । ପିଲାଟି ଏବେ ପ୍ରଶାସନ ପାଖରେ ରହିଛି । ସୂଚନା ଅନୁସାରେ ଆନ୍ଧ୍ର ଶ୍ରୀକାକୁଲମ୍ ଅଞ୍ଚଳରଟି ମହମ୍ମଦ ନାମକ ଜଣେ ବ୍ୟକ୍ତି ଯାଜପୁର ସହରର ଗରିଆପୁର ଅଞ୍ଚଳରେ ଦୀର୍ଘ ଦିନ ହେବ ରହି କନ୍ଥା ବେପାର କରି ଆସୁଛନ୍ତି । ତେବେ ସେ ଆଜି ପିଲାଟିକୁ ଜାତୀୟ ରାଜପଥ କଡରେ ଅସୁରକ୍ଷିତ ଭାବେ ବସିଥିବା ଦେଖି ଉଦ୍ଧାର କରିଥିଲେ । ଏନେଇ ଜିଲା ଶିଶୁ ସୁରକ୍ଷା ୟୁନିଟକୁ ଖବର ଦେବା ପରେ ଶିଶୁ ସୁରକ୍ଷା ୟୁନିଟ ଅଧିକାରୀ ନିରଞ୍ଜନ କର ପହଞ୍ଚି ପିଲାଟିକୁ ଉଦ୍ଧାର କରିଥିଲେ । ପିଲାଟିର ବାପା ଗୁଜୁରାଟରେ କାମ କରୁଥିବା କହୁଥିବାବେଳେ ମାଆ ନେପାଳରେ ରହୁଛନ୍ତି । ତେବେ ସେ କିପରି ଯାଜପୁର ଆସିଲେ ସେ ନେଇ କିଛି କହିପାରୁନଥିବା ବେଳେ ପିଲାଟିର ଆଜି କରୋନା ଟେଷ୍ଟ କରାଯାଇ ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଛି । ପିଲାଟିକୁ ପ୍ରକୃତ କାଉନ୍ସେଲିଂର ଆବଶ୍ୟକତା ଥିବାବେଳେ ଏବେ ଅସ୍ଥାୟୀ ଭାବେ ଯାଜପୁର ବାଳାଶ୍ରମରେ ଥଇଥାନ କରାଯାଇଛି । ହୁଏତ କୌଣସି ଦଲାଲ ଜରିଆରେ ପିଲାଟି କୌଣସି ହୋଟେଲ କିମ୍ବା ଅନ୍ୟ କୌଣସି ଅନୁଷ୍ଠାନରେ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ତାକୁ ଅଣାଯାଇଥିବା ଅନୁମାନ କରାଯାଉଛି ।

**ODISHA**

**News**

**ODIA**

**SAMBAD**
**Bhubaneshwar &**
**Jajpur**

**JUNE 2021**

SAMBAD
ସମ୍ବାଦ
Thursday 25 JUN 2021 | Page 16 ₹ 7.00 ଭୁବନେଶ୍ୱର ଗୁରୁବ

## ଶ୍ୱଶୁର ଖୋଲିଲେ ୧୨ ବର୍ଷ ତଳର ଗୁମର

# ଜନଙ୍କ ସ୍ତ୍ରୀ ଏବେ ପୂର୍ବ ପ୍ରେମିକଙ୍କ ପାଖରେ

ନୂଆଗାଁ, ୨୪/୬ (ଇମିସ): ସ୍ମୃତିଶକ୍ତି ହରାଇ କେଉଁଆଡ଼େ ଚାଲିଯାଇ ହଠାତ ପୁରୁଣା ସ୍ମୃତିକୁ ଫେରି ପାଇବା ପରେ ନିଜ ଘରକୁ ଫେରିବା ସତରେ ଭାଗ୍ୟର କଥା। ଏମିତି କାହାଣୀ ଆମେ କେବଳ ଫିଲ୍ମରେ ଦେଖିଛେ, କିନ୍ତୁ ବାସ୍ତବ ଦୁନିଆରେ ଏମିତି କିଛି ଘଟଣା ଦେଖିବାକୁ ମିଳିଛି ଗୋଟିଏ ନିପଟ ମଫସଲ ଆଦିବାସୀ ଅଞ୍ଚଳରେ। ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ଗୁମୀ ଗ୍ରାମର ଫକୀର ନାୟକଙ୍କ ପୁଅ ଜନ ନାୟକ ମସ୍ତିଷ୍କାଘାତରେ ବାରମ୍ବାର ପୀଡ଼ିତ ହୋଇ ସ୍ମୃତିଶକ୍ତି ହରାଇବା ପରେ ସ୍ତ୍ରୀ ଓ ପୁଅକୁ ଛାଡ଼ି ୧୨ ବର୍ଷ ତଳୁ ନିରୁଦ୍ଦିଷ୍ଟ ହୋଇଯାଇଥିଲେ ଏବଂ ପରେ ମୁମ୍ବାଇର ଶ୍ରଦ୍ଧା ଫାଉଣ୍ଡେସନ ଜନଙ୍କୁ ଉଦ୍ଧାର କରିବା ସହ ଚିକିତ୍ସା କରାଇ ନିଜ ଘରକୁ ପଠେଇଥିଲା। ଘରକୁ ଫେରିବା ପରେ ଘରେ ନିଜର ସ୍ତ୍ରୀ ପିଲା କେହି ନଥିବା ଜାଣିବାକୁ ପାଇଥିଲେ। ଏନେଇ ଗତକାଲି 'ସମ୍ବାଦ'ରେ ଖବର ପ୍ରକାଶନ ପରେ ସମସ୍ତଙ୍କ ମନରେ ପ୍ରଶ୍ନ ଉଠିଥିଲା କି ଜନଙ୍କ ସ୍ତ୍ରୀ ବର୍ତ୍ତମାନ ବିବାହ କରି କେଉଁଠି କିପରି ଅଛନ୍ତି ଓ ସେମାନଙ୍କ ପୂର୍ବ କାହାଣୀ କ'ଣ? ଏନେଇ ଆମେ ଅନୁସନ୍ଧାନ କରିବା ପରେ ଯେଉଁ କଥା ଜାଣିବାକୁ ପାଇଲୁ ତାହା କୌଣସି ଫିଲ୍ମ କାହାଣୀଠୁ ବି କମ୍ ନୁହେଁ।



ମିଳିଥିବା ସୂଚନା ଅନୁଯାୟୀ, ଜନ ନାୟକଙ୍କ ସ୍ତ୍ରୀ ହେଉଛନ୍ତି ନୂଆଗାଁ ବ୍ଲକ୍ ମହିପୁର ପଞ୍ଚାୟତର ଝିଅ ଝିଲି (ଛଦ୍ମନାମ)। ଜନଙ୍କ ଶ୍ୱଶୁର ରଘୁନାଥ (ଛଦ୍ମନାମ)ଙ୍କ କହିବା ଅନୁଯାୟୀ, ତାଙ୍କ ଝିଅ ଝିଲିକୁ ଯେତେବେଳେ ୨୦ ବର୍ଷ ବୟସ ହୋଇଥିଲା ସେତେବେଳେ ସେହି ପଞ୍ଚାୟତର ବୈରାଗୀ (ଛଦ୍ମନାମ)ଙ୍କୁ ଭଲପାଇ ତାଙ୍କ ଘରକୁ ଚାଲିଯାଇଥିଲେ। ତେବେ ବିବାହ ନ ହୋଇ ୨ ବର୍ଷ କାଳ ବୈରାଗୀଙ୍କ ଘରେ ରହିବା ପରେ, ଝିଅକୁ ହତ୍ୟା କରାଯାଇଥିବା ନେଇ ଥାନାରେ ରଘୁନାଥ ଲିଖିତ ଅଭିଯୋଗ କରିଥିଲେ ଏବଂ ଝିଅକୁ ବଳପୂର୍ବକ ରଘୁନାଥ ନିଜ ଘରକୁ ନେଇ ଆସିଥିଲେ। ପରେ ପରେ ଗୁମୀ ଗ୍ରାମର ଜନ ନାୟକଙ୍କ ସହ ଝିଲିଙ୍କ ବିବାହ କରାଇ ଦେଇଥିଲେ। ବିବାହ ପରେ କିଛିଦିନ ଖୁସିରେ ଚାଲିଥିଲା। ଜନଙ୍କ ବିବାହର ୨ ବର୍ଷ ପରେ ତାଙ୍କ ମା'ଙ୍କ ମୃତ୍ୟୁ ହେବା ପରେ ତାଙ୍କର ମସ୍ତିଷ୍କାଘାତ ଘଟିଥିଲା। ଏପରି ପରିସ୍ଥିତିରେ ଜନଙ୍କ ବାପା-ଭାଇ ପଚାରି ନଥିବା ବେଳେ ତାଙ୍କ ଶ୍ୱଶୁର କଟକ ବଡ଼ ମେଡିକାଲକୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନେଇଥିଲେ। ସେଠାରେ କିଛିଦିନ ରହିବା ପରେ ସୁସ୍ଥ ହୋଇ ସେ ଘରକୁ ଫେରିଥିଲେ। ପୁଣି ୩ ବର୍ଷ ପରେ ତାଙ୍କ ବାପା ଚାଲିଗଲା ପରେ ସେହି ସମାନ ଅବସ୍ଥା ସୃଷ୍ଟି ହୋଇଥିଲା ଓ ଜନ ସ୍ମୃତିଶକ୍ତି ହରାଇ ବସିଥିଲେ। ଏମିତି କିଛିଦିନ ଯିବା ପରେ ହଠାତ୍ ଜନ ନିରୁଦ୍ଦିଷ୍ଟ ହୋଇଯାଇଥିଲେ। ଜନଙ୍କ ପରିବାର ଏବଂ ଶ୍ୱଶୁର ଘର ଲୋକ ବହୁ ଖୋଜାଖୋଜି କରିବା ପରେ ତାଙ୍କର କୌଣସି ସନ୍ଧାନ ମିଳି ପାରି ନଥିଲା। ତେବେ ନିଜ ଝିଅ ଓ ଏକ ନାତିକୁ ନେଇ ଜନଙ୍କ ଶ୍ୱଶୁର ଚିନ୍ତାଗ୍ରସ୍ତ ହୋଇ ୨ ବର୍ଷ ପର୍ଯ୍ୟନ୍ତ ଖୋଜାଖୋଜି କରି କୌଣସି ସନ୍ଧାନ ନ ପାଇବାରୁ ବାଧ୍ୟ ହୋଇ ଝିଲିଙ୍କ ପୁରୁଣା ପ୍ରେମିକ ବୈରାଗୀଙ୍କ ହାତରେ ନିଜ ଝିଅର ବିବାହ କରାଇଥିଲେ। ଏବେ ଝିଲି ପୁଅକୁ ନେଇ ସନ୍ନ୍ୟାସୀଙ୍କ ପାଖରେ ରହୁଥିବା ଜଣାପଡ଼ିଛି। ତେବେ କୌଣସି ଅଘଟଣ ଘଟିଲେ ଜନଙ୍କର ମସ୍ତିଷ୍କ ଓ ସ୍ମୃତିଶକ୍ତି ସମସ୍ୟା ସୃଷ୍ଟି ହେଉଥିବା ବେଳେ ସେଭଳି ଏକ ପରିସ୍ଥିତିରେ ସେ ଘର ଛାଡ଼ି ନିରୁଦ୍ଦିଷ୍ଟ ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେବେ ଜନ ଏବେ ଏକାକୀ, ସ୍ମୃତିଶକ୍ତି ସମ୍ପୂର୍ଣ୍ଣ ଫେରିନାହିଁ। ଭାଇଭାଉଜଙ୍କୁ ଛାଡ଼ିଦେଲେ ନିଜ ଲୋକ କେହି ନାହିଁ। ଜନ ନାୟକଙ୍କ ଜୀବନର ସମସ୍ୟାପୂର୍ଣ୍ଣ ଘଟଣାବଳି ସତେଯେମିତି ଏକ ଅଡୁଆ ସୂତାର ଗଣ୍ଠି, ଯାହାର ମୂଳ ଖୋଜିପାଇବା ଯେତିକି ଜଟିଳ, ଭବିଷ୍ୟତ ସମ୍ପର୍କରେ ପୂର୍ବାନୁମାନ କରିବା ସେତିକି ଅସମ୍ଭବ ବ୍ୟାପାର ବୋଲି କୁହାଯାଇପାରେ।

SAMBAD
ସମ୍ବାଦ
Jajpur, Tuesday, 22.06.2021

# ୮ ବର୍ଷ ପରେ ମାଆ କୋଳକୁ ଫେରିଲା ପୁଅ

ବଡ଼ବିଲ,୨୧/୬(ଇମିସ): ୮ ବର୍ଷ ପରେ ନିଖୋଜ ନାବାଳକ ମାଆ କୋଳକୁ ଫେରିବା ପରେ ପରିବାର ଲୋକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ବଡ଼ବିଲ ପୌରାଞ୍ଚଳ ୧୦ ନମ୍ବର ୱାର୍ଡ ଗାଢାହଟିଂ ଅଞ୍ଚଳରେ ରହି ଆସୁଥିଲେ ଡାଡୁ ତାମୁଡିଆ ଓ ସ୍ତ୍ରୀ ସୋନି ତାମୁଡିଆ। ୮ ବର୍ଷ ପୂର୍ବେ ଡାଡୁ ତାମୁଡିଆଙ୍କ ୮ ବର୍ଷର ପୁଅ ରାଜା ତାମୁଡିଆ କେଉଁଆଡେ ଚାଲିଯାଇଥିଲେ। ରାଜାର ବାପା, ମାଆ ଓ ପରିବାର ଲୋକେ ବଡ଼ବିଲ, ଯୋଡା, ପଡୋଶୀ ଝାଡଖଣ୍ଡ ରାଜ୍ୟର କିରିବୁରୁ, ନୂଆମୁଣ୍ଡି, ଜଗନ୍ନାଥପୁର, ଚାଇଁବସା ଅଂଚଳରେ ଅନେକ ଖୋଜାକୋଜି କରିବାପରେ ମଧ୍ୟ ରାଜାର ପତ୍ତା ମିଳି ନଥିଲା। ନିଖୋଜ ପୁଅ ରାଜାକୁ ଝୁରିଝୁରି ବାପା ଡାଡୁ ତାମୁଡିଆ ଆରପରିକି ଚାଲିଗଲେ। ଡାଡୁର ବିଧବା ପତ୍ନୀ ବହୁ ଦୁଃଖକଷ୍ଟରେ ଥିଲେ। ନିଖୋଜ ରାଜା ଜଣେ ମାନସିକ ନ୍ୟୂନ ବାଳକ ଥିବାରୁ ସେ ଦୁର୍ଭାଗ୍ୟ ବଶତଃ ଗୁଜୁରାଟ ରାଜ୍ୟ, ଭୁଜ୍ ଅଂଚଳକୁ ଚାଲିଯାଇଥିଲା। ସେହି ଅଂଚଳର ଶ୍ରଦ୍ଧା ଫାଉଣ୍ଡେସନ୍ ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗତ ୪ ବର୍ଷ ପୂର୍ବେ ରାଜାକୁ ଉଦ୍ଧାର କରି ତାର ଚିକିତ୍ସା କରାଇ ତାକୁ ସ୍ୱାଭାବିକ କରାଇଥିଲେ। ରାଜାର ଶାରୀରିକ ଓ ମାନସିକ ସ୍ତରରେ ସ୍ୱାଭାବିକତା ଆସିବା ପରେ ସେ କଥା କହିବା ସହ ନିଜ ଜନ୍ମ ସ୍ଥାନ, ନିଜ ବାପା, ମାଆ, ସମ୍ପର୍କୀୟଙ୍କ ବିଷୟରେ ପ୍ରକାଶ କରିଥିଲା। ୪ ଦିନ ପୂର୍ବେ ଉକ୍ତ ଅନୁଷ୍ଠାନରେ କାର୍ଯ୍ୟରତ ଓଡ଼ିଆ ସଦସ୍ୟ ସୁନିଲ ଦାସ ନିଖୋଜ ରାଜାର ପରିବାର ଲୋକଙ୍କୁ ଖବର ଦେଇଥିଲା। ପରିବାର ଲୋକଙ୍କ ଅନୁରୋଧ କ୍ରମେ ଫାଉଣ୍ଡେସନ୍‌ର ଟ୍ରଷ୍ଟି ଡାକ୍ତର ଭରତ୍ ଭଟ୍ଟୱାନୀ ନିଖୋଜ ରାଜାକୁ ଟ୍ରେନ୍ ଯୋଗେ ଭୁବନେଶ୍ୱର ପଠାଇଥିଲେ। ଖବର ପାଇ ରାଜାର ପରିବାର ଲୋକେ ଭୁବନେଶ୍ୱର ରେଳ ଷ୍ଟେସନ୍‌ରୁ ରାଜାକୁ ଆଣିଛନ୍ତି। ୮ ବର୍ଷ ପରେ ଏବେ ରାଜା, ମାଆ ଓ ପରିବାର ଲୋକଙ୍କୁ ପାଇ ଖୁସି ଥିବାବେଳେ, ବାପାର ଦେହାନ୍ତ ଖବର ତାକୁ ମ୍ରିୟମାଣ କରିଦେଇଛି। ରାଜା ମାନସିକ ନ୍ୟୁନ ରୋଗ ଠିକ ହୋଇଯାଇଛି। ଆଉ ଦୁଇ ବର୍ଷ ପର୍ଯ୍ୟନ୍ତ ଔଷଧ ସେବନ କରିବେ। ଏହି ଦୁଇ ବର୍ଷର ଔଷଧ ଫାଉଣ୍ଡେସନ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ଡାକ୍ତର ଭରତ୍ ଭଟ୍ଟୱାନୀ ସୂଚନା ଦେଇଛନ୍ତି।

**ODISHA**

**News**

**ODIA**

**SAMBAD**

**Angul**

**JUNE 2021**

'ସମ୍ବାଦ' ଆପଣଙ୍କର ଉତ୍ତମ ସ୍ୱାସ୍ଥ୍ୟ କାମନା କରୁଛି
'ସମ୍ବାଦ' ପାଇବାରେ ଅସୁବିଧା ହେଲେ
ଯୋଗାଯୋଗ କରନ୍ତୁ: ୦୬୭୪-୨୫୪୮୦୪୮
ସକାଳ ୮ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ
ଖବରକାଗଜ କରୋନା ଭୂତାଣୁର ବାହକ ନୁହେଁ ସମ୍ବାଦ ସମ୍ପୂର୍ଣ୍ଣ ନିରାପଦ

SAMBAD

# ସମ୍ବାଦ

SCAN & PAY
EASTERN MEDIA LTD.

www.sambadepaper.com/sambad.in

PRINTED AT BHUBANESWAR | BALASORE | JEYPORE | BARGARH | Wednesday 23 June 2021 | Page 14 ₹ 7.00 | ଭୁବନେଶ୍ୱର ବୁଧବାର ୨୩ ଜୁନ୍ ୨୦୨୧ | ୧୪ ପୃଷ୍ଠା, ମୂଲ୍ୟ ୭ ଟଙ୍କା | ANGUL

# ୧୨ ବର୍ଷ ପରେ ଗାଁକୁ ଫେରିଲେ

## ଅନ୍ୟତ୍ର ବିବାହ କରିସାରିଛନ୍ତି ସ୍ତ୍ରୀ



ନୂଆଗାଁ, ୨୨/୬ (ଇମିସ): ସତରେ ବିଚିତ୍ର ଏ ଦୁନିଆ! କେଉଁଆଡ଼େ ଚାଲିଯିବାର ୧୨ ବର୍ଷ ପରେ ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ଗୁମ୍ମୀ ଗ୍ରାମର ଜଣେ ବ୍ୟକ୍ତି ଘରକୁ ଫେରିଛନ୍ତି। ଖାଲି ଫେରିନାହାନ୍ତି, ଯେଉଁ ସ୍ମୃତିଶକ୍ତି ସେ ହରାଇଥିଲେ ତାହା ମଧ୍ୟ ଫେରିପାଇଛନ୍ତି। ହେଲେ, ତାଙ୍କୁ ଅପେକ୍ଷା କରିବା ପାଇଁ ପତ୍ନୀ ନଥିଲେ। ଅନ୍ୟତ୍ର ବିବାହ କରି ଘରସଂସାର କରୁଛନ୍ତି। ସେ ଫେରିବା ପରେ ଗାଁରେ ଖୁସିର ଲହରି ଖେଳିଯାଇଛି ସତ ନିଜ ପାରିବାରିକ ସଂସାରକୁ ଫେରିପାଇବାର ଅଶା ଟିକକ ତାଙ୍କର ମଉଳି ଯାଇଛି।

ଏହି ବ୍ୟକ୍ତି ଜଣକ ହେଲେ, ଗୁମ୍ମୀ ଗ୍ରାମର ଫକୀର ନାୟକଙ୍କ ପୁଅ ଜନନାୟକ। ଜନନାୟକ ମସ୍ତିଷ୍କ ରୋଗରେ ପୀଡ଼ିତ ହୋଇ ୧୨ ବର୍ଷ ତଳୁ ଦୁଇ ପିଲା ଓ ସ୍ତ୍ରୀଙ୍କୁ ଛାଡ଼ି ଘରୁ କେଉଁଆଡ଼େ ଚାଲିଯାଇଥିଲେ। ଘର ଲୋକେ, ଗ୍ରାମବାସୀ ଓ ବନ୍ଧୁବାନ୍ଧବଙ୍କ ସହଯୋଗରେ ସବୁଆଡ଼େ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ମିଳିନଥିଲା। ବହୁ ଖୋଜିବା ପରେ ନିରାଶ ହୋଇ ନିଜ ଭାଗ୍ୟକୁ ଆଦରି ଖୋଜାଖୋଜି ବନ୍ଦ କରି ଦେଇଥିଲେ। ସ୍ୱାମୀ ଘର ଛାଡ଼ି

➡୭

## ୧୨ ବର୍ଷ ପରେ ଗାଁକୁ ....

ଯିବାର କେତେଦିନ ପରେ ସ୍ତ୍ରୀ ଦୁଇ ପିଲାଙ୍କୁ ଧରି ଘରଛାଡ଼ି ଚାଲିଗଲେ। ପରେ ଅନ୍ୟତ୍ର ବିବାହ କରିଥିବା ଗ୍ରାମବାସୀମାନେ ଜାଣିବାକୁ ପାଇଥିଲେ। ଏପରି ଘଟଣା ପରେ ଦୀର୍ଘ ୧୨ ବର୍ଷ ପରେ ସୁଦୁର ମୁମ୍ବାଇରୁ ଗୁମ୍ମୀ ଗ୍ରାମକୁ ଖବର ଆସିଲା ଯେ, ଜନ ଏବେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇ ସୁସ୍ଥ ହେବା ସହ ପୂର୍ବ ସ୍ମୃତି ସବୁ ଫେରିପାଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଜନ ମସ୍ତିଷ୍କାଘାତର ଶିକାର ହୋଇ ଏଣେ ତେଣେ ବୁଲୁଥିବା ଦେଖି ମୁମ୍ବାଇର ଏକ ଅଗ୍ରଣୀ ସାମାଜିକ ସଂଗଠନ ଶ୍ରଦ୍ଧା ଫାଉଣ୍ଡେସନ ତାଙ୍କୁ ଉଦ୍ଧାର କରିବା ସହ ସେ କିଭଳି ସୁସ୍ଥ ହେବେ ସେମାନେ ଲାଗିପଡ଼ିଥିଲେ। ସେମାନଙ୍କର ପରିଶ୍ରମ ବୃଥା ଯାଇନଥିଲା। ଶେଷରେ ଜନ ସୁସ୍ଥ ହେବା ସହ ଟ୍ରେନ୍ ଯୋଗେ ଘରକୁ ଫେରିଥିବା ଜଣାପଡ଼ିଛି। ଏହି ଘଟଣାରେ ସ୍ଥାନୀୟ ଅଂଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ସେ ଭୁବନେଶ୍ୱର ରେଲ୍‌ୱେ ଷ୍ଟେସନରେ ପହଞ୍ଚିବା ପରେ ସେଠାରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ପହଞ୍ଚି ତାଙ୍କୁ ସ୍ୱାଗତ କରିବା ସହ ଯୁବନେତା ସଂଜୀବ କୁମାର ଡାକୁଆଙ୍କ ସହଯୋଗରେ ଗୁମ୍ମୀସ୍ଥିତ ନିଜ ବାସଭବନରେ ପହଞ୍ଚାଇବାର ବ୍ୟବସ୍ଥା କରାଇଥିଲେ। କିନ୍ତୁ ଦୁଃଖର ବିଷୟ ଜନ ଗ୍ରାମରେ ପହଞ୍ଚିବା ପରେ ନିଜ ପରିବାରରେ ଭାଇଭାଉଜଙ୍କୁ ଛାଡ଼ି ଦେବାପରେ ଆଉ କେହି ନଥିବା ଜାଣିବାକୁ ପାଇଥିଲେ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଯାହାଙ୍କ ହାତଧରି ସେ ସାଂସାରିକ ବନ୍ଧନରେ ଆବଦ୍ଧ ହୋଇଥିଲେ ସେ ମଧ୍ୟ ନଥିଲେ।

# ODISHA
# News

# ODIA

# AWAJ MEDIA
# Nayagarh

# JUNE 2021

AWAJ MEDIA
ସାଧାରଣ ଲୋକଙ୍କ ସ୍ୱର



- ନୟାଗଡ଼

## ୧୨ ବର୍ଷ ପରେ ଗାଁ ମାଟି ଦେଖିବେ ଜନ ନାୟକ !!!

By **Awaj Media** - June 21, 2021




**ନୟାଗଡ଼ ( ଆୱାଜ ମିଡିଆ ) – ସଞ୍ଜୀବ କୁମାର ଡାକୁଆ :** ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ପ୍ରଚେଷ୍ଟା ତଥା ମୁମ୍ବାଇ ର ଅଗ୍ରଣୀ ସାମାଜିକ ସଂଗଠନ ଶ୍ରଦ୍ଧା ଫାଉଣ୍ଡେସନ ର ଉଦ୍ୟମରେ ସୁସ୍ଥ ହୋଇ ନିଜ ଗାଁ ମାଟି କୁ ଫେରିଛନ୍ତି ଜନ ନାୟକ । ଦୀର୍ଘ ୧୨ ବର୍ଷ ତଳେ ମସ୍ତିଷ୍କ ବିକୃତ ହୋଇ ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ଗୁମି ପଞ୍ଚାୟତର ଜନ ନାୟକ ଘରୁ କେଉଁଆଡେ ଚାଲି ଯାଇଥିଲେ । ଘର ଲୋକେ ବହୁ ଖୋଜାଖୋଜି କରି ନିରାଶ ହୋଇ ତାଙ୍କ ଫେରିବା ଆଶା ଛାଡ଼ି ଦେଇଥିଲେ । ସୁଦୂର ମୁମ୍ବାଇ ରେ ,ଏକ ସାମାଜିକ ସଂଗଠନ ତାଙ୍କୁ ଉଦ୍ଧାର କରି ଚିକିତ୍ସା ଜାରି ରଖିଥିଲେ । ଦୀର୍ଘ ଦିନ ପରେ ସେ ସୁସ୍ଥ ହୋଇ ନିଜ ନାଁ ଓ ଗାଁ ଠିକଣା କହିଥିଲେ । ଏ ଖବର ତାଙ୍କ ଗାଁ ରେ ପହଞ୍ଚିବା ପରେ ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇ ଦଶପଲ୍ଲା ବିଧୟକ ରମେଶ ଚନ୍ଦ୍ର ବେହେରା ଗାଁ ର ପୁଅକୁ ଗାଁ କୁ ଫେରାଇ ଆଣିବା ପାଇଁ ଆରମ୍ଭ କରିଥିଲେ ପ୍ରୟାସ ।




ଶେଷରେ ସବୁ ଚେଷ୍ଟା ସଫଳ ହୋଇଛି , ଆଜି ସକାଳେ ମୁମ୍ବାଇରୁ ଟ୍ରେନ ଯୋଗେ ଆସି ଭୁବନେଶ୍ୱର ରେ ପହଞ୍ଚିଛନ୍ତି ଜନ । ଏପରିକି ନିଜେ ବିଧାୟକ ଷ୍ଟେସନ ରେ ଉପସ୍ଥିତ ହୋଇ ତାଙ୍କୁ ସ୍ୱାଗତ କରିଥିଲେ . ଗାଁ ରୁ ଆସିଥିବା କିଛି ଆତ୍ମୀୟଙ୍କ ସହିତ ତାଙ୍କର ଗାଁ କୁ ଫେରିବା ବ୍ୟବସ୍ଥା ମଧ କରିଛନ୍ତି ବିଧାୟକ ରମେଶ ବେହେରା . ସୂଚନାଯୋଗ୍ୟ ଯେ , ମୁମ୍ବାଇ ର ଶ୍ରଦ୍ଧା ଫାଉଣ୍ଡେସନ ସହଯୋଗରେ ସେଠାରେ ଚିକିତ୍ସିତ ହେଉଥିବା କେଉଁଝର , ଗଞ୍ଜାମ ଏବଂ କଳାହାଣ୍ଡି ର ଅନ୍ୟ ତିନି ଜଣ ଲୋକ ମଧ ସୁସ୍ଥ ହୋଇ ଆଜି ଭୁବନେଶ୍ୱର ରେ ପହଞ୍ଚିଛନ୍ତି . ଶ୍ରଦ୍ଧା ଫାଉଣ୍ଡେସନ ର ଏପରି କାମକୁ ଅତ୍ୟନ୍ତ ପ୍ରଶଂସା କରିଛନ୍ତି ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ।।

**ODISHA**
**News**

**ODIA**

**DHARITRI**
**Balasore**

**AUGUST 2021**

ଧରିତ୍ରୀ
DHARITRI
ବାଲେଶ୍ୱର, ମଙ୍ଗଳବାର, ଅଗଷ୍ଟ ୩୧/୨୦୨୧ (୧୬ ପୃଷ୍ଠା) Balasore, Tuesday, August 31/2021 ★★★★

# ୩ ବର୍ଷ ପରେ ଫେରିଲେ ସଲ୍ମା

ବାଲେଶ୍ୱର ଅଫିସ,୩୦।୮

ବାଲେଶ୍ୱର ସହର ଗୋପାଳଗାଁ ତଳସାହି ଅଞ୍ଚଳର ସ୍ୱର୍ଗତ ଗୋପାଳ ହାଁସଦାଙ୍କ ସ୍ତ୍ରୀ ସଲ୍ମା (୫୦) ନିଖୋଜର ୩ ବର୍ଷ ପରେ ଘରକୁ ଫେରିଛନ୍ତି। ସୋମବାର ସେ ପହଞ୍ଚିବା ପରେ ପରିବାର ଲୋକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ସଲ୍ମା ଓ ତାଙ୍କ ପରିବାର ଲୋକେ ଉଦ୍ଧାରକାରୀ ସଙ୍ଗଠନ 'ଶ୍ରଦ୍ଧା ଫାଉଣ୍ଡେସନ' ଓ 'ଆମ ବାଲେଶ୍ୱର ସଂଗଠନ'ର କର୍ମକର୍ତ୍ତାଙ୍କୁ ଅଶେଷ ଧନ୍ୟବାଦ ଜଣାଇଛନ୍ତି।

ସୂଚନା ଅନୁଯାୟୀ, ୩ ବର୍ଷ ତଳେ ସଲ୍ମା ବାହାନଗା ସ୍ଥିତ ଭାଇଙ୍କ ଘରକୁ ଯିବାକୁ କହି ରେଳ ଷ୍ଟେଶନ ଯାଇଥିଲେ। ସେଠାରେ ଭୁଲ ଟ୍ରେନରେ ଚଢ଼ି ପ୍ରଥମେ ଖଡ୍ଗପୁର ଓ ପରେ ପୁଣି ଗୋଟିଏ ପରେ ଗୋଟିଏ ଟ୍ରେନ ବଦଳ କରି ଶେଷରେ ମୁମ୍ବାଇରେ ପହଞ୍ଚି ଯାଇଥିଲେ। ସେ ସ୍ପଷ୍ଟ ହିନ୍ଦୀ କହିପାରୁ ନ ଥିବାରୁ ଘରକୁ ଫେରିବାରେ ଅସୁବିଧା ହୋଇଯାଇଥିଲା। ଦୀର୍ଘ ଦିନ ଏଣେ ତେଣେ ଅସହାୟ ଭାବେ ବୁଲି ବୁଲି ଜୀବନ ଅତିବାହିତ କରିଥିଲେ। ମୁମ୍ବାଇର ଚେମ୍ବୁରଠାରେ ଇତଃସ୍ତତ ଭାବେ ବୁଲୁଥିବା ବେଳେ ଗତ ଜୁଲାଇ ୭ରେ ସ୍ୱେଚ୍ଛାସେବୀ ସଂଗଠନ ଶ୍ରଦ୍ଧା ଫାଉଣ୍ଡେସନ ପକ୍ଷରୁ ତାଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ସେହି ସମୟରେ ସଲ୍ମାଙ୍କ ମାନସିକ ବିକୃତି ରୋଗ ଥିବା ଲକ୍ଷ୍ୟ କରି ଶ୍ରଦ୍ଧା ଫାଉଣ୍ଡେସନର କର୍ମକର୍ତ୍ତାମାନେ ତାଙ୍କର ଚିକିତ୍ସା କରାଇଥିଲେ। ଉତ୍ତମ ଚିକିତ୍ସା ସହ ଶ୍ରଦ୍ଧା ଫାଉଣ୍ଡେସନର ପୁନଃସୁଧାର କେନ୍ଦ୍ରରେ ରହି ସଲ୍ମା ସୁସ୍ଥ ହୋଇଥିଲେ। ଫାଉଣ୍ଡେସନର ଓଡ଼ିଆ କାର୍ଯ୍ୟକର୍ତ୍ତା ଲକ୍ଷ୍ମୀପ୍ରିୟା ବିଶୋଇଙ୍କ ସଂସ୍ପର୍ଶରେ ଆସିବା ପରେ ସଲ୍ମା ନିଜ ଘର ବାବଦରେ କହିଥିଲେ। ସଲ୍ମାଙ୍କ ନିକଟରୁ ସମସ୍ତ ତଥ୍ୟ ପାଇବା ପରେ ଫାଉଣ୍ଡେସନ ପକ୍ଷରୁ ଗତ ଅଗଷ୍ଟ ୧୩ ତାରିଖରେ 'ଆମ ବାଲେଶ୍ୱର ସଂଗଠନ' ସହ ଯୋଗାଯୋଗ କରାଯାଇଥିଲା। ସେହି କ୍ରମରେ ଆମ ବାଲେଶ୍ୱର ପକ୍ଷରୁ ସଲ୍ମାଙ୍କ ପରିବାରବର୍ଗଙ୍କୁ ଯୋଗଯୋଗ ସହ ଘଟଣାର ସତ୍ୟାସତ୍ୟ ଅନୁଧ୍ୟାନ କରାଯାଇଥିଲା। ସଂଗଠନର କର୍ମକର୍ତ୍ତାଙ୍କ ଅନୁରୋଧ କ୍ରମେ ଶ୍ରଦ୍ଧା ଫାଉଣ୍ଡେସନର ଲକ୍ଷ୍ମୀପ୍ରିୟା ସଲମାଙ୍କୁ ନେଇ ବାଲେଶ୍ୱରରେ ପହଞ୍ଚିଥିଲେ। ବାଲେଶ୍ୱର ଷ୍ଟେଶନ କ୍ଲବ ପରିସରରେ ସଲ୍ମାଙ୍କୁ ସ୍ୱାଗତ ସହ ଲକ୍ଷ୍ମୀପ୍ରିୟାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଲ୍ମାଙ୍କୁ ଉଦ୍ଧାର ଓ ଚିକିତ୍ସା ସମ୍ପର୍କରେ ସୂଚନା ଦେବା ସହ ଆଗାମୀ ୨ବର୍ଷ ପର୍ଯ୍ୟନ୍ତ ତାଙ୍କୁ ବିନାମୂଲ୍ୟରେ ସମସ୍ତ ପ୍ରକାର ଔଷଧ ଓ ଚିକିତ୍ସା ସେବା ଶ୍ରଦ୍ଧା ଫାଉଣ୍ଡେସନ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ଲକ୍ଷ୍ମୀପ୍ରିୟା କହିଥିଲେ। ସେହିପରି ଆମ ବାଲେଶ୍ୱର ସଂଗଠନର ବରିଷ୍ଠ ସଦସ୍ୟା ସମାଜସେବୀ ସୁବାସିନୀ ଜେନା ସଲ୍ମାଙ୍କର ଦାୟିତ୍ୱ ନେବା ପାଇଁ ସଙ୍ଗଠନ ପକ୍ଷରୁ ଉଚିତ୍ ମନେ କରିଥିବା ପ୍ରକାଶ କରିଥିଲେ। ଭୁବନାନନ୍ଦ ଦାସ, ନିରଞ୍ଜନ ପରିଡ଼ା, ସୁବ୍ରତ କର, ଜନ୍ମେଜୟ ରାଉତ, ଗିରିଜା ଶଙ୍କର ଦାସ, ଶଶାଙ୍କ ଶେଖର ଦତ୍ତ, ଗଙ୍ଗାଧର ଦାସ ପ୍ରମୁଖ ଆମ ବାଲେଶ୍ୱର ସଂଗଠନର କର୍ମକର୍ତ୍ତାମାନେ ସଲମାଙ୍କୁ ନେଇ ଗୋପାଳଗାଁ ତଳସାହିରେ ତାଙ୍କ ଘର ନିକଟରେ ପହଞ୍ଚିଥିଲେ। ସେଠାରେ ସଲମାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତରେ କରିଥିଲେ। ମୁମ୍ବାଇର ଶ୍ରଦ୍ଧା ଫାଉଣ୍ଡେସନ ଓ ଆମ ବାଲେଶ୍ୱର ସଂଗଠନର ଏଭଳି ପ୍ରଚେଷ୍ଟାକୁ ସାଧାରଣରେ ଭୂୟସୀ ପ୍ରଶଂସା କରାଯାଇଛି।


ପରିବାର ଲୋକଙ୍କ ସହ ସଲ୍ମା।

- ଭୁଲ୍ ଟ୍ରେନ୍‌ରେ ଚଢ଼ି ମୁମ୍ବାଇ ପଳାଇ ଥିଲେ
- ଏଣେ ତେଣେ ବୁଲି ଅସହାୟ ଜୀବନ ବିତାଉଥିଲେ

**ORISSA**
**News**

**ODIA**

**THE SAKALA**
**Bhubaneswar**

**NOVEMBER 2021**





• RNI REGD NO: 42041/83
• www.sakalaepaper.com
• /thesakalanews
• /TheSakala
• www.thesakala.in



ସକାଳ
THE SAKALA
PRINTED AT BHUBANESWAR ▪ JEYPORE ▪ SAMBALPUR

• VOLUME- 19 • ISSUE- 138 • BHUBANESWAR • SATURDAY • 13 NOVEMBER 2021 • PAGE- 16 • ₹ 5.00
• ବର୍ଷ-୧୯ • ସଂଖ୍ୟା- ୧୩୮ • ଭୁବନେଶ୍ୱର • ଶନିବାର • ୧୩ ନଭେମ୍ବର ୨୦୨୧ • ପୃଷ୍ଠା- ୧୬ • ଟ.୫.୦୦


# ହଜିଲା ମଣିଷ ଘରକୁ ଫେରିଲେ

## ୪ ଜଣଙ୍କୁ ଉଦ୍ଧାର କଲା ଶ୍ରଦ୍ଧା ଫାଉଣ୍ଡେସନ

ବ୍ରହ୍ମପୁର,୧୨ ।୧୧(ସମିସ)

ସମ୍ପ୍ରତି ବିଭିନ୍ନ ସହରରେ ଅନେକ ମାନସିକ ବିକୃତ ଅସହାୟ ଘୁରି ବୁଲୁଥିବା ଦେଖିବାକୁ ମିଳୁଛି। କିଛି ଏପରି ମଧ୍ୟ ଅଛନ୍ତି ଯେଉଁମାନେ ପାରିବାରିକ ଓ ପାରିପାର୍ଶ୍ୱିକ କାରଣରୁ ମାନସିକ ଭାରସାମ୍ୟ ହରାଇଥାନ୍ତି। ଫଳରେ କିଛି ନ ଜାଣି ମନବିସ୍ଥାପରେ ଅଜଣା ପଥରେ ମାଡିଚାଲିଯାନ୍ତି। ଏମାନଙ୍କୁ ହରାଇ ବ୍ୟତିବ୍ୟସ୍ତ ପରିବାର କେବଳ ଫେରିବା ବାଟକୁ ଅନାଇ ରହିବା ବ୍ୟତିରେକ ଅନ୍ୟ ଗତି ନଥାଏ। ହଜିବା ବ୍ୟକ୍ତି ମିଳିଗଲେ ପରିବାରରେ ଛୁଟେ ଆନନ୍ଦର ଲହରୀ। ଆଜି ଏଭଳି କିଛି ଘଟଣା ଘଟିଛି। ଯାହା ସମସ୍ତଙ୍କ ମୁହଁରେ ଖୁସି ଆଣିଦେଇଛି। ଦୀର୍ଘବର୍ଷ ଧରି ମାନସିକ ଭାରସାମ୍ୟ ହରାଇ କେଉଁଆଡ଼େ ଚାଲିଯାଇଥିବା ୮ଜଣଙ୍କୁ ସ୍ୱଗୃହ ଫେରାଇ ଆଣିବାରେ ସକ୍ଷମ ହୋଇଛି ଶ୍ରଦ୍ଧା ରିହାବିଲେଟ୍‌ସନ୍ ଫାଉଣ୍ଡେସନ୍। ଏଥିରେ ଗଞ୍ଜାମର ଜଣେ ମହିଳାଙ୍କ ସମେତ ୩ ଜଣ ପୁରୁଷ ରହିଛନ୍ତି। ଉକ୍ତ ଫାଉଣ୍ଡେସନ୍‌ର କର୍ମକର୍ତ୍ତାଙ୍କ ସହଯୋଗରେ ଆଜି ରେଳ ଯୋଗେ ଏମାନେ ବ୍ରହ୍ମପୁର ଷ୍ଟେସନରେ ପହଞ୍ଚି ନିଜ ଗାଁକୁ ଫେରିଛନ୍ତି। ସେମାନେ ହେଲେ ଭଞ୍ଜନଗର ଉପଖଣ୍ଡ 'ପୁରୁ' ଗ୍ରାମର ଟୁଙ୍କୁରୁ ବେହେରା, ଧରାକୋଟ ବ୍ଲକ ଶରଧାପୁର ଗ୍ରାମର ଲିମ୍ବା ନାୟକ, ବୋଇରାଣୀ ଗ୍ରାମର ଗଣେଶ ଦାସ ଓ ପୁରୁଷୋତ୍ତମପୁର ବ୍ଲକ ଗୋବିନ୍ଦପୁର ଗ୍ରାମର ଝୁମୁକି ରଣା। ଟୁଙ୍କୁରୁ ୧୨ ବର୍ଷ ପୂର୍ବେ ପଇସା ଅଭାବରୁ ରୋଜଗାର କରିବାକୁ ସୁରତ ଯାଇଥିଲେ। ମାନସିକ ଭାରସାମ୍ୟ ହରାଇ ସୁରତରେ ବୁଲୁଥିଲେ। ଶ୍ରଦ୍ଧା ଫାଉଣ୍ଡେସନ୍ ତାଙ୍କୁ ସୁରତରୁ ଉଦ୍ଧାର କରି ଚିକିତ୍ସା ପାଇଁ ଗୁଜୁରାଟର ଯଦୁପୁର ପରେ ମୁମ୍ବାଇ ଆଣି ସେଠାରେ ଏକ ଆଶ୍ରମରେ ରଖିଥିଲେ। ୩ ବର୍ଷ ଧରି ଚିକିତ୍ସା କରିବା ପରେ ଟୁଙ୍କୁର ନିଜ ଅଞ୍ଚଳର ଠିକଣା କହିବାରେ ସକ୍ଷମ ହୋଇଥିଲେ। ପରେ ଗାଁ ଲୋକଙ୍କ ସହ ଯୋଗାଯୋଗ କରାଯାଇ ତାଙ୍କୁ ଆଜି ଭିଟାମାଟିକୁ ଅଣାଯାଇଛି। ସେହିଭଳି ଲିମ୍ବା ନାୟକ ୨୦ବର୍ଷ ପୂର୍ବେ ମାନସିକ ଭାରସାମ୍ୟ ହରାଇ ରେଳ ଯୋଗେ କେଉଁଆଡ଼େ ଚାଲିଯାଇଥିଲେ। ଶ୍ରଦ୍ଧା ଫାଉଣ୍ଡେସନ୍ ପକ୍ଷରୁ ତାଙ୍କୁ ଯଦୁପୁରରୁ ଉଦ୍ଧାର କରାଗଲା। ଫାଉଣ୍ଡେସନ ପକ୍ଷରୁ ତାଙ୍କର ମାନସିକ ଚିକିତ୍ସା ପରେ ସେ ବର୍ତ୍ତମାନ ସୁସ୍ଥ ହେବା ସହ ନିଜ ଗାଁକୁ ଫେରିଛନ୍ତି। ଗଣେଶ ଦାସ ୫ ବର୍ଷ ପୂର୍ବେ ଜୟପୁରରୁ ଉଦ୍ଧାର କରାଯାଇଥିଲା। ସେତେବେଳେ ତାଙ୍କ ମାନସିକ ସ୍ଥିତି ଭଲ ନଥିଲା। ଚିକିତ୍ସା ପରେ ସେ ଆଜି ଗାଁକୁ ଫେରିଛନ୍ତି। ସେହିଭଳି ଝୁମୁକା ରଣା ମଧ୍ୟ ନିଜ ପାରିବାରିକ ସମସ୍ୟା କାରଣରୁ ମାନସିକ ବିକୃତ ହୋଇ ରାସ୍ତାରେ ବୁଲୁଥିଲେ। ତାଙ୍କୁ ଦିଲ୍ଲୀରୁ ଉଦ୍ଧାର କରାଯାଇ ଚିକିତ୍ସା ଯୋଗାଇ ଦିଆଗଲା। ବର୍ତ୍ତମାନ ସେ ସୁସ୍ଥ ହୋଇ ସବୁକିଛି ଜାଣିପାରିବା ସହ ନିଜ ଘରକୁ ଫେରିଛନ୍ତି। ଆଜି ଶ୍ରଦ୍ଧା ରିହାବିଲେଟ୍‌ସନ୍ ଫାଉଣ୍ଡେସନ୍‌ର ସୁନିଲ୍ କୁମାର ଦାସ ଓ ଲକ୍ଷ୍ମୀପ୍ରିୟା ବିଷୋୟୀ ଏମାନଙ୍କୁ ଗାଁକୁ ଆଣି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି। ଫାଉଣ୍ଡେସନ୍ ସଦସ୍ୟଙ୍କ କହିବା ଅନୁଯାୟୀ ଗତକାଲି ଲୋକମାନ୍ୟ ତିଳକ ଟ୍ରେନ୍‌ରେ ଓଡ଼ିଶାର ୮ଜଣଙ୍କୁ ଫେରାଇ ଅଣାଯାଇଛି। ଏଥିରେ କଳାହାଣ୍ଡିର ଜଣେ, କଟକର ଜଣେ ଓ ପୁରୀର ଦୁଇଜଣ ରହିଥିବା ବେଳେ ଗଞ୍ଜାମର ଚାରିଜଣ ଥିଲେ। ପରେ ବିଶାଖା ଟ୍ରେନ୍ ଯୋଗେ ଗଞ୍ଜାମର ଚାରି ଜଣଙ୍କୁ ବ୍ରହ୍ମପୁର ଅଣାଯାଇ ନିଜ ନିଜ ଗାଁକୁ ନିଆଯାଇଛି।



**ORISSA**
**News**

**ODIA**

**THE SAMAJA**
**Brahmapur**

**NOVEMBER 2021**

102 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2021-2023

- Brahmapur, Saturday 13 November 2021
- ବ୍ରହ୍ମପୁର, ଶନିବାର ୧୩ ନଭେମ୍ବର ୨୦୨୧
- ଆଜି ତୁଳା ୨୮ ଦିନ, ୧୪୨୯ ସାଲ
- କାର୍ତ୍ତିକ ୨୨ ଦିନ, ୧୯୪୩ ଶକାବ୍ଦ, ଶୁକ୍ଳପକ୍ଷ ଦଶମୀ
- ଭାଗ- ୯୨ ସଂଖ୍ୟା- ୩୦୯
- www.thesamaja.com
  www.samajaepaper.com
  www.samajalive.in

ଟ ୭.୦୦ (୧୬ ପୃଷ୍ଠା)

ସମାଜ The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
PRINTED AT CUTTACK, SAMBALPUR, BALESWAR, VISAKHAPATNAM

ଜ୍ଞାନଂ ତେଽହଂ ସବିଜ୍ଞାନମିଦଂ ବକ୍ଷ୍ୟାମ୍ୟଶେଷତଃ ।
ଯଜ୍ଜ୍ଞାତ୍ୱା ନେହ ଭୂୟୋଽନ୍ୟଜ୍ଜ୍ଞାତବ୍ୟମବଶିଷ୍ୟତେ ।
(ଗୀତା : ୭



ମୁଁ ତୁମକୁ ବିଜ୍ଞାନ ସହିତ ଏହି ତତ୍ତ୍ୱଜ୍ଞାନ ସମ୍ପୂର୍ଣ୍ଣ ଭାବରେ କହିବି;
ଏହା ଜାଣିଗଲେ ସଂସାରରେ ଆଉ କିଛି ଜାଣିବାକୁ ବାକି ରହିଯାଏ ନାହିଁ ।

# ଘରକୁ ଫେରିଲେ ରାସ୍ତାକଡ଼ରୁ ଉଦ୍ଧାର ୮ ଓଡ଼ିଆ

## ସହାୟ ହେଲେ, ଘରେ ଆଣି ଛାଡ଼ିଲେ ସ୍ୱଚ୍ଛାସେବୀ ଅନୁଷ୍ଠାନ

ବ୍ରହ୍ମପୁର, ୧୨ ।୧୧(ନି.ପ୍ର): କିଏ ମାନସିକ ବିକାରଗ୍ରସ୍ତ ହୋଇ ଯାଇଥିଲା ତ ଆଉ କିଏ ସନ୍ତୁଳନ ହରାଇ ଏଣେତେଣେ ଘୁରି ବୁଲୁଥିଲା । କିଏ ରାସ୍ତାରେ ପଡ଼ିଥିବା ଖାଦ୍ୟ ଖାଉଥିଲା ତ ଆଉ କିଏ ମାଗିଯାଚି ଜୀବନ ଜୀଉଁଥିଲା । ଏ ସଭିଏଁ ଥିଲେ ରୁଗଣ, ଅସହାୟ ଓ ଦୁଃସ୍ଥ । ବାହାର ଲୋକଙ୍କ ପାଇଁ ଅଜଣା ଓ ନିଜ ଘର ଲୋକଙ୍କ ପାଇଁ ହଜି ଯାଇଥିବା ଆପଣାର । ହେଲେ ସମୟଚକ୍ର ଓ ସାହାଯ୍ୟର ହାତ ସେମାନଙ୍କୁ ପୁଣି ଥରେ ପରିବାର ନିକଟକୁ ଫେରାଇ ଆଣିଲା । ବର୍ଷ ବର୍ଷ ଧରି ନିଜ ଘର ଓ ପରିବାର ଠାରୁ ଦୂରେଇ ଯାଇ ଦେଶର ବିଭିନ୍ନ ରାଜ୍ୟରେ ବୁଲୁଥିବା ୮ ଜଣ ଓଡ଼ିଆଙ୍କୁ ଯୋଧପୁର, ନୂଆଦିଲ୍ଲୀ ଓ ମହାରାଷ୍ଟ୍ରରେ ଥିବା ସ୍ୱେ ଚ୍ଛାସେବୀ ଅନୁଷ୍ଠାନ ଉଦ୍ଧାର କରି ସେମାନଙ୍କ ଚିକିତ୍ସା କରାଇ ସୁସ୍ଥ କରିବା ପରେ ଆଜି ସେମାନଙ୍କୁ ଓଡ଼ିଶା ଆଣି ନିଜ ନିଜ ଘରେ ଛାଡ଼ିଛନ୍ତି ।

ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ପୁଟୁଁ ଗ୍ରାମର ଡୁଙ୍ଗୁରୁ ବେହେରା(୬୦) । ଆଜକୁ ୧୨ ବର୍ଷ ତଳେ ସେ ଜଣେ ସମ୍ପର୍କୀୟଙ୍କ ସହ ସୁରତ ଯାଉଥିଲେ । ହେଲେ ଜାଣିନପାରି ସୁରତ ପହଞ୍ଚିବା ପୂର୍ବରୁ ଟ୍ରେନରୁ ଓହ୍ଲାଇ ପଡ଼ିଥିଲେ । ତାଙ୍କୁ ଅନ୍ୟ କୌଣସି ଭାଷା ଜଣାନଥିଲା । ଫଳରେ ସେ ଜଣେ ଅଜଣା ଓ ଅଚିହ୍ନା ଲୋକ ଭାବେ ଘୁରି ବୁଲିଲେ । ଯିଏ ଯାହା ଦେଲା ଖାଇଲେ ଓ ଦୋକାନ ବାରଣ୍ଡାରେ ରାତି କାଟିଲେ । ଏହା ଭିତରେ ଅନେକ ବର୍ଷ ବିତିଗଲା । ୩ ବର୍ଷ ତଳେ ସୁରତର ରାସ୍ତା କଡରେ ଅସହାୟ ଅବସ୍ଥାରେ ପଡି ରହିଥିବା ବେଳେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଉଦ୍ଧାର କରାଯାଇ ତାଙ୍କୁ ଯୋଧପୁର 'ଆପନା' ଗୃହରେ ରଖା ଯାଇ ଥିଲା । ସେତେବେଳେ ଡୁ ଙ୍ଗୁରୁ ନିଜ ବିଷୟରେ କିଛି କହିପାରୁନଥିଲେ । ଜଣେ ଅଜଣା ବ୍ୟକ୍ତି ଭାବେ ସେହି ଗୃହରେ ୨ ବର୍ଷ ରହିବା ପରେ ମୁମ୍ବାଇସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରଦ୍ଧା ଥଇଥାନ ପ୍ରତିଷ୍ଠାନ ଡୁଙ୍ଗୁରୁଙ୍କ ଚିକିତ୍ସା ଦାୟିତ୍ୱ ନେଇଥିଲା । ଅନୁଷ୍ଠାନ ପକ୍ଷରୁ ବର୍ଷେ ତଳେ ଡୁଙ୍ଗୁ ରୁଙ୍କୁ ମୁମ୍ବାଇ ଅଣାଯାଇ ତାଙ୍କର ମାନସିକ ଚିକିତ୍ସା କରାଯାଇଥିଲା । ସୁସ୍ଥ ହେବା ଡୁଙ୍ଗୁରୁ ନିଜ ଘର ଠିକଣା କହିବା ସହ ପରିବାର ବିଷୟରେ ସୂଚନା ଦେଇଥିଲେ ।

ସେହିପରି ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଗୋବିନ୍ଦପୁରର ମହିଳା ଝୁମୁକି ରଣା(୫୬) ଆଜକୁ କିଛି ବର୍ଷ ହେବ ଘରୁ କେଉଁଆଡେ ଚାଲି ଯାଇଥିଲେ । ପୂର୍ବରୁ ସେ ମାନସିକ ଅନଗ୍ରସର ଥିବାରୁ ଘର ଲୋକଠୁ ନିଜେ ନିଜେ ଦୂରେଇ ଯାଇଥିଲେ । ସେ ବ୍ରହ୍ମପୁରକୁ ଆସି ଟ୍ରେନ ଯୋଗେ ଦିଲ୍ଲୀ ଚାଲି ଯାଇଥିଲେ । ସେଠାରେ ରାସ୍ତାକଡରେ ଅସହାୟ ଅବସ୍ଥାରେ ବୁଲୁଥିବା ବେଳେ ସ୍ୱଛାସେବୀ ଅନୁଷ୍ଠାନ ଦ୍ୱାରା ଉଦ୍ଧାର ହୋଇ ଦିଲ୍ଲୀ ଆପନା ଗୃହରେ ରହିଥିଲେ । ସେଠାରୁ ଶ୍ରଦ୍ଧା ଫାଉଣ୍ଡେସନ କର୍ମକର୍ତ୍ତା ତାଙ୍କୁ ମୁମ୍ବାଇ ଆଣି



ଚିକିତ୍ସା କରାଇଥିଲେ । ଏବେ ଝୁମୁକି ୯୦ ପ୍ରତିଶତ ସୁସ୍ଥ ହୋଇ ସାରିଛନ୍ତି । ସୁସ୍ଥ ହେବା ପରେ ତାଙ୍କ ଘର ଓ ପରିବାର ବିଷୟରେ ସବୁକିଛି କହିପାରୁଛନ୍ତି । ସେହିପରି ଆଜକୁ ୨୦ ବର୍ଷ ହେବ ଘରୁ ନିଖୋଜ ରହି ସୁରତରେ ବୁଲୁଥିବା ଧରାକୋଟ ଶ୍ରଦ୍ଧାପୁରର ଲିମ୍ବା ନାୟକ(୬୨) ଓ ୫ ବର୍ଷ ହେବ ଘର ଲୋକଙ୍କ ପାଇଁ ନିଖୋଜ ଥିବା ଆସିକା ଥାନା ଅନ୍ତର୍ଗତ କବିସୂର୍ଯ୍ୟନଗରର ଗଣେଷ ଦାସ(୩୫)ଙ୍କୁ ମଧ୍ୟ ସୁରତର ରାସ୍ତାକଡରୁ ଉଦ୍ଧାର କରାଯାଇ ମୁମ୍ବାଇରେ ଚିକିତ୍ସା କରାଯାଇଥିଲା । ଫାଉଣ୍ଡେସନର ଟ୍ରଷ୍ଟି ଡା. ଭରତ ଭଟ୍ୱାନୀ ନିଜେ ଜଣେ ମନସ୍ତତ୍ତ୍ୱବିତ୍ ହୋଇଥିବାରୁ ସେ ଏହି ଅସହାୟଙ୍କୁ ମାଗଣାରେ ଚିକିତ୍ସା କରାଇ ସୁସ୍ଥ କରିଥିଲେ । ଆଉ ସୁସ୍ଥ ହେବା ପରେ ସେମାନଙ୍କୁ ନିଜ ନିଜ ରାଜ୍ୟ ତଥା ପରିବାର ନିକଟକୁ ପଠାଇଛନ୍ତି । ସେହିପରି ଦେଶର ବିଭିନ୍ନ ସ୍ଥାନରୁ ଅସହାୟ ଅବସ୍ଥାରେ ଉଦ୍ଧାର ହୋଇଥିବା ଓଡ଼ିଶାର ଜଟଣୀ, ବାଲୁଗାଁ, ପୁରୀ ଓ କଳାହାଣ୍ଡିର ଅନ୍ୟ ୪ ଜଣ ମଧ୍ୟ ଏହି ଫାଉଣ୍ଡେସନରେ ରହି ସୁସ୍ଥ ହେବା ପରେ ଗତକାଲି ଓଡ଼ିଶା ଫେରିଛନ୍ତି । ଫାଉଣ୍ଡେସନରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସୁନୀଲ କୁମାର ଦାସ, ଲକ୍ଷ୍ମୀପ୍ରିୟା ବିଷୋୟୀ ଓ ବିକାଶ କୁମାର ରଜକ ଉପରୋକ୍ତ ୮ ଜଣ ବ୍ୟକ୍ତିଙ୍କୁ ଟ୍ରେନ ଯୋଗେ ଓଡ଼ିଶା ଆଣିବା ପରେ ଆଜି ପୃଥକ ଭାବେ ସେମାନଙ୍କ ଘରେ ନେଇ ଛାଡି ଆସିଥିଲେ । ସବୁଠାରୁ ବଡ କଥା ହେଉଛି ଦୀର୍ଘ ବର୍ଷ ଧରି ନିଜ ପରିବାର ଠାରୁ ଦୂରେଇ ରହିଥିବା ଏହି ବ୍ୟକ୍ତିଙ୍କୁ ନେଇ ସ୍ୱେଚ୍ଛାସେବୀମାନେ ହଠାତ ସେମାନଙ୍କ ଘରେ ପହଞ୍ଚିଥିଲେ । ଆଉ ସେମାନଙ୍କ ପରିବାର ଲୋକଙ୍କୁ ଆଶ୍ଚର୍ଯ୍ୟ କରାଇବା ସହ ଭାବିହ୍ୱଳ କରି ପକାଇଥିଲା ।

**ORISSA**
**News**

**ODIA**

**THE PRAMEYA**
**Brahmapur**

**NOVEMBER 2021**

RNI REGD NO: ODIODI/2011/37619 - POSTAL REGD NO: BN/208/18-20

www.prameya.com prameyaodia prameyaodia



ଏନ୍‌ସିବି କାର୍ଯ୍ୟାଳୟରେ ଆର୍ୟନ ହାଜର

ପ୍ରମେୟ
THE PRAMEYA
VOLUME 11 ● ISSUE 192 ବର୍ଷ ୧୧ ● ସଂଖ୍ୟା ୧୯୨
13 NOVEMBER 2021 SATURDAY ୧୩ ନଭେମ୍ବର ୨୦୨୧ ଶନିବାର

ରାହାଣେ ଅଧିନାୟକ



PRINTED AT BHUBANESWAR SAMBALPUR PANIKOILI JEYPORE 20 PAGES ₹7.00

# ୨୦ ବର୍ଷ ପରେ ଘରକୁ ଫେରିଲେ ୪ ମାନସିକ ଅନଗ୍ରସର




ବ୍ରହ୍ମପୁର, ୧୨।୧୧ (ବ୍ୟୁରୋ): ମୁମ୍ବାଇର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରଦ୍ଧା ଫାଉଣ୍ଡେସନ୍‌ର ସହଯୋଗରେ ଗଞ୍ଜାମ ଜିଲାର ୪ ଜଣ ବ୍ୟକ୍ତି ଦୀର୍ଘ ୨୦ବର୍ଷ ପରେ ନିଜ ଘରକୁ ଫେରି ପାରିଛନ୍ତି। ଅନୁଷ୍ଠାନରର କର୍ମକର୍ତ୍ତାମାନେ ଆଜି ଏହି ୪ ଜଣଙ୍କୁ ଧରି ବ୍ରହ୍ମପୁର ରେଳ ଷ୍ଟେସନରେ ପହଞ୍ଚିବା ପରେ ସେମାନଙ୍କ ଗାଁକୁ ଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ମାନସିକ ଅନଗ୍ରସର ଯୋଗୁଁ ଦୁନିଆ ପାଇଁ ଅଜଣା ଓ ଅଚିହ୍ନା ହୋଇ ରାଜରାସ୍ତାରେ ତଥା ରେଳଷ୍ଟେସନରେ ଓ ବସଷ୍ଟାଣ୍ଡରେ ବୁଲୁଥିବା ଏହି ବ୍ୟକ୍ତିମାନେ ସେବା ଓ ଚିକିତ୍ସା ପାଇ ସୁସ୍ଥ ହୋଇ ନିଜ ପରିବାର ଲୋକଙ୍କ ପାଖକୁ ଫେରିବା ପରେ ବେଶ ଖୁସି ଅନୁଭବ କରିଛନ୍ତି।

ଏମାନେ ହେଲେ ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ପୁଟ୍ଟୁ ଗ୍ରାମର ଡୁଙ୍ଗୁରୁ ବେହେରା (୬୦), ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଗୋବିନ୍ଦପୁରର ମହିଳା ଝୁମୁକି ରଣା(୫୬), ଧରାକୋଟ ଶ୍ରଦ୍ଧାପୁରର ଲିମ୍ବ ନାୟକ(୬୨) ଓ ଆସିକା ଥାନା ଅନ୍ତର୍ଗତ ବୋଇରାଣୀର ଗଣେଶ ଦାସ(୩୫)।

ଏହି ସମସ୍ତଙ୍କୁ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ସୁରତ ଓ ଦିଲ୍ଲୀର ରାସ୍ତାକଡରୁ ଉଦ୍ଧାର କରାଯାଇ ଯୋଧପୁର ଓ ଦିଲ୍ଲୀ ସ୍ଥିତ ଥଇଥାନ ଗୃହରେ ରଖାଯାଇଥିଲା। ସେଠାରେ କିଛି ବର୍ଷ ରହିବା ପରେ ମୁମ୍ବାଇରେ ଥିବା ଶ୍ରଦ୍ଧା ଥଇଥାନ ସଂସ୍ଥାକୁ ନିଆଯାଇଥିଲା। ସେଠାରେ ସମସ୍ତଙ୍କ ଚିକିତ୍ସା ଆରମ୍ଭ କରାଯାଇଥିଲା। ଫାଉଣ୍ଡେସନର ଟ୍ରଷ୍ଟି ମନସ୍ତତ୍ତ୍ୱବିତ୍ ଡା. ଭରତ ଭଟୱାନୀ ଏହି ଅସହାୟଙ୍କୁ ମାଗଣାରେ ଚିକିତ୍ସା କରାଇ ସୁସ୍ଥ କରିଥିଲେ। ସୁସ୍ଥ ହେବା ପରେ ସମସ୍ତେ ନିଜ ଘର ଓ ପରିବାର ବିଷୟରେ କହିଥିଲେ। ଦିନେ ଦୁନିଆ ପାଇଁ ଅଜଣା ଓ ଅଚିହ୍ନା ହୋଇ ରାସ୍ତାରେ ବୁଲୁଥିବା ଏହି ବ୍ୟକ୍ତିମାନେ ଉପଯୁକ୍ତ ଚିକିତ୍ସା ଓ ସେବା ପାଇ ନୂଆ ଜୀବନ ପାଇଥିଲେ। ସମସ୍ତେ ସୁସ୍ଥ ହୋଇ ନିଜ ପରିଚୟ ଜଣାଇବା ପରେ ଗତକାଲି ଫାଉଣ୍ଡେସନରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସୁନୀଲ କୁମାର ଦାସ, ଲକ୍ଷ୍ମୀପ୍ରିୟା ବିଷୋୟୀ ଓ ବିକାଶ କୁମାର ରଜକ ଟ୍ରେନ ଯୋଗେ ଓଡ଼ିଶା ଆଣିଥିଲେ।

**ODISHA**
**News**

**ODIA**

**THE PRAMEYA**
**Kandhamal**

**MARCH 2022**


# ପ୍ରମେୟ

THE PRAMEYA

VOLUME 11 ● ISSUE 192 ବର୍ଷ ୧୧ ● ସଂଖ୍ୟା ୧୯୨

13 NOVEMBER 2021 SATURDAY ୧୩ ନଭେମ୍ବର ୨୦୨୧ ଶନିବାର

PRINTED AT BHUBANESWAR SAMBALPUR PANIKOILI JEYPORE


## ବର୍ଷେ ପରେ ନିଖୋଜ ମହିଳା ଛତିଶଗଡ଼ରୁ ଉଦ୍ଧାର




ଗୋଛାପଡା, ୨୩(ଆପ୍ର): ଦୀର୍ଘ ଏକ ବର୍ଷ ହେଲା ନିଖୋଜ ଥିବା ଜଣେ ବୟସ୍କା ମହିଳା ଛତିଶଗଡ଼ ରାଜ୍ୟରୁ ଉଦ୍ଧାର ହୋଇଛନ୍ତି। ଆଜି ତାଙ୍କୁ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହାୟତାରେ ପରିବାରକୁ ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଗୋଛାପଡ଼ା ଥାନା କ୍ରାଣ୍ଡିବାଲି ପଞ୍ଚାୟତ ଅଞ୍ଚଳର ଫଗୁଣୀ ନାଗ(୬୦) ଆଜିକୁ ପ୍ରାୟ ଏକ ବର୍ଷ ତଳେ ଘରୁ କେଉଁ ଆଡ଼େ ଚାଲିଯାଥିଲେ। ଘର ଲୋକ ଅନେକ ଖୋଜାଖୋଜି କରିବା ପରେ ବି ତାଙ୍କୁ ନପାଇବାରୁ ଥାନାରେ ଖବର ଦେଇଥିଲେ। ଫଗୁଣୀଙ୍କର ମାନସିକ ସ୍ଥିତି ଠିକ ନଥିବା ପରିବାର ଲୋକ କହିଛନ୍ତି। ଫଗୁଣୀଙ୍କୁ କିଛି ଦିନ ତଳେ ଛତିଶଗଡ଼ ରାଜ୍ୟ ବିଳାସପୁରରୁ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅସହାୟ ଅବସ୍ଥାରେ ଉଦ୍ଧାର କରିଥିଲେ। ତାଙ୍କର ମାନସିକ ଅବସ୍ଥା ଠିକ ନଥିବା ଜାଣି ବିଳାସପୁରରେ ଚିକିତ୍ସା କରାଯାଇଥିଲା। ଚିକିତ୍ସା ଦାୟିତ୍ୱ ନେଇଥିଲେ ମୁମ୍ବାଇର ଶ୍ରଦ୍ଧା ରିହାବିଲିଟେସନ ଫାଉଣ୍ଡେସନ। ଫଗୁଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବା ପରେ ତାଙ୍କର ଠିକଣା ଖୋଜି ଅନୁଷ୍ଠାନର ସଦସ୍ୟା ଲକ୍ଷ୍ମୀପ୍ରିୟା ବିଷୋୟୀ ତାଙ୍କୁ ନେଇ ଆଜି ଗୋଛାପଡାରେ ପହଞ୍ଚିଥିଲେ। ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀଙ୍କୁ ଏ ନେଇ ଖବର ଦିଆ ଯିବାରେ ସେ ଫଗୁଣୀଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକ ଥାନାରେ ପହଞ୍ଚି ତାଙ୍କୁ ଘରକୁ ନେଇଛନ୍ତି। ଏକ ବର୍ଷ ପରେ ଫଗୁଣୀଙ୍କୁ ପାଇଥିବାରୁ ଘର ଲୋକ ଅତି ଆନନ୍ଦିତ ହୋଇଥିବା ବେଳେ ତାଙ୍କୁ ଉଦ୍ଧାର କରିଥିବା ସଂସ୍ଥା ଶ୍ରଦ୍ଧା ଫାଉଣ୍ଡେସନକୁ ମଧ୍ୟ କୃତଜ୍ଞତା ଜ୍ଞାପନ କରିଛନ୍ତି। ସମଗ୍ର ଦେଶରେ ଏଭଳି ଅନେକ ଅସହାୟ ଓ ମାନସିକ ବିକୃତି ବ୍ୟକ୍ତିଙ୍କୁ ଶ୍ରଦ୍ଧା ଫାଉଣ୍ଡେସନ ଉଦ୍ଧାର କରି ସେମାନଙ୍କୁ ସୁସ୍ଥ କରିବା ସହ ପରିବାର ଲୋକଙ୍କ ପାଖରେ ପହଞ୍ଚାଇ ଦିଆଯାଉଥିବା ସଂସ୍ଥାର କର୍ମକର୍ତ୍ତା ଲକ୍ଷ୍ମୀପ୍ରିୟା କହିଛନ୍ତି।

**ODISHA**
**News**

**ODIA**

**THE SAMAJA**
**Kandhamal**

**MARCH 2022**

ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
PRINTED AT CUTTACK, SAMBALPUR, BALESWAR, VISAKHAPATNAM

# ନିଖୋଜ ମହିଳା ଛତିଶଗଡ଼ରୁ ଉଦ୍ଧାର

ଫୁଲବାଣୀ,୩।୩(ନିପ୍ର):ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ଅଞ୍ଚଳରୁ ଏକ ବର୍ଷ ହେଲା ନିଖୋଜ ଥିବା ଜଣେ ୬୦ ବର୍ଷିୟ ବୃଦ୍ଧା ଛତିଶଗଡ ଅଞ୍ଚଳରୁ ଉଦ୍ଧାର ହୋଇଥିବା ଗୋଛାପଡ଼ା ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀ ସୂଚନା ଦେଇଛନ୍ତି। ଗୋଛାପଡା ଥାନା କ୍ରାଣ୍ଡିବାଲି ପଞ୍ଚାୟତର ଫଗୁଣୀ ନାଏକ ବର୍ଷ ତଳେ ଘରୁ ବାହାରକୁ ବୁଲିବାକୁ ଯାଇ ନିଖୋଜ ହୋଇଯାଇଥିଲେ। ସମ୍ପୃକ୍ତ ବୃଦ୍ଧା ଛତିଶଗଡ ରାଜ୍ୟ ବିଲାଶପୁର ଅଞ୍ଚଳରେ  ବୁଲୁଥିବା ସେଠାକାର ଶ୍ରଦ୍ଧା ଫାଉଣ୍ଡେସନ ସଂଗଠନ ତାଙ୍କୁ ଉଦ୍ଧର କ ଘରୋଇ ଡାକ୍ତରଖାନାରେ ତାଙ୍କ ଚିକିତ୍ସା କରାଯାଇଥିଲ।। ପରେ ବୃଦ୍ଧାଜଣକ ତାଙ୍କର ସଂପୂର୍ଣ୍ଣ ପରିଚୟ ପ୍ରଦାନ କରିଥିଲେ। ଏନେଇ ସଂଗଠନ ସଦସ୍ୟ ଲକ୍ଷ୍ମୀପ୍ରିୟା ବିଶୋୟୀ ଗେଛାପଡା ଥାନା ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଖବରପାଇ ଗୋଛାପଡା ଥାନା ଅଧିକାରୀ ରଞ୍ଜିତ କୁମାର ମୁନି ବୃଦ୍ଧାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ବୃଦ୍ଧାଙ୍କୁ ଗୋଛାପଡ଼ା ଥାନାକୁ ଆଣିବା ପରେ ଥାନା ଅଧିକାରୀଙ୍କ ଉପସ୍ଥିତିରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରାୟ ଏକ ବର୍ଷ ପରେ ବୃଦ୍ଧା ଜଣକୁ ପରିବାର ଲୋକେ ଫେରିପାଇଥିବାରୁ ବେସ ଖୁସି ଥିବା ବେଳେ ବିଲାଶପୁରର ଏହି ସ୍ୱେଚ୍ଛାସେବୀ ସଙ୍ଗଠନର  କାର୍ଯ୍ୟକୁ ଅଞ୍ଚଳବାସୀ ବେଶ ପ୍ରଶଂସା କରିଛନ୍ତି।

ସମାଜ

ODISHA
News

ODIA

SARBASADHARANA
Kandhamal

MARCH 2022

ସର୍ବସାଧାରଣ
sarbasadharana

ସର୍ବସାଧାରଣ
sarbasadharana



# ଗୋଛାପଡାରୁ ନିଖୋଜ ବୃଦ୍ଧା ଛତିଶଗଡ଼ରୁ ଉଦ୍ଧାର

ଫିରିଙ୍ଗିଆ(ଆପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ଅଞ୍ଚଳରୁ ନିଖୋଜ ଥିବା ଜଣେ ୬୦ ବର୍ଷିୟ ବୃଦ୍ଧା ଦୀର୍ଘ ଏକବର୍ଷ ପରେ ଛତିଶଗଡ ଅଞ୍ଚଳରୁ ଉଦ୍ଧାର ହୋଇଥିବା ଗୋଛାପଡା ଥାନା ପକ୍ଷରୁ ସୂଚନା ଦିଆଯାଇଛି । ପୁଲିସର ସୂଚନାନୁସାରେ, ଗୋଛାପଡା ଥାନା କ୍ରାଣ୍ଡିବାଲି ପଞ୍ଚାୟତ ଅଞ୍ଚଳର ଫଗୁଣୀ ନାଏକ ନାମକ ଏହି ବୃଦ୍ଧା (୬୦)ପ୍ରାୟ ଏକବର୍ଷ ତଳେ ଘରୁ ବାହାରକୁ ବୁଲିବାକୁ ଯାଇ ନିଖୋଜ ହୋଇ ଯାଇଥିଲେ । ଘରଲୋକ ବହୁ ଖୋଜାଖୋଜି କଲାପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିନଥିଲା । ଅନ୍ୟପଟେ ବୃଦ୍ଧାଙ୍କ ମାନସିକ ସ୍ଥିତି ଠିକ୍ ନଥିବା ପରିବାର ଲୋକେ କହିଥିଲେ ।



ହେଲେ ସଂପୃକ୍ତ ବୃଦ୍ଧା ଛତିଶଗଡ଼ର ବିଳାଶପୁର ଅଞ୍ଚଳରେ ବୁଲୁଥିବା ଦେଖି ସ୍ଥାନୀୟ ଶ୍ରଦ୍ଧା ଫାଉଣ୍ଡେସନ ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ମାନେ ତାଙ୍କୁ ଠାବ କରିଥିଲେ । ତାଙ୍କର ମାନସିକ ସ୍ଥିତି ଠିକ ନଥିବାରୁ ସଂଗଠନର ସହାୟତାରେ ବିଳାସପୁରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ଏନେଇ ସଂଗଠନର ସଦସ୍ୟ ଲକ୍ଷ୍ମୀପ୍ରିୟା ବିଶୋୟୀ ଗୋଛାପଡା ଥାନାଧିକାରୀଙ୍କୁ ସଂପୃକ୍ତ ବୃଦ୍ଧାଙ୍କ ବିଷୟରେ ଜଣାଇଥିଲେ । ଶ୍ରଦ୍ଧା ଫାଉଣ୍ଡେସନର ସଦସ୍ୟମାନେ ବୃଦ୍ଧାଙ୍କୁ ଆଣି ଗୋଛାପଡା ଥାନାଧିକାରୀ ରଞ୍ଜିତ କୁମାର ମୁନିଙ୍କୁ ହସ୍ତାନ୍ତର କରିଥିଲେ । ଫଳରେ ଶ୍ରୀ ମୁନି ସଂପୃକ୍ତ ବୃଦ୍ଧାଙ୍କ ପରିବାରକୁ ଖବର ଦେଇଥିଲେ । ପ୍ରାୟ ୧ବର୍ଷ ପରେ ବୃଦ୍ଧାଙ୍କୁ ପାଇଥିବାରୁ ପରିବାରେ ଲୋକେ ବହୁତ ଖୁସି ଥିବା ଜଣାପଡିଛି । ତେବେ ଏପରି କାର୍ଯ୍ୟ ପାଇଁ ବିଳାସପୁରର ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ଏବଂ ଗୋଛାପଡା ଥାନାଧିକାରୀ ଶ୍ରୀ ମୁନିଙ୍କୁ ପରିବାର ଲୋକେ କୃତଜ୍ଞତା ଜଣାଇଛନ୍ତି ।

ODISHA
News

ODIA

NITIDIN
Kandhamal

MARCH 2022

ନିତିଦିନ NITIDIN

# ଗୋଛାପଡ଼ାରୁ ନିଖୋଜ ବୃଦ୍ଧା ଛତିଶଗଡ଼ରୁ ଉଦ୍ଧାର




**ଫିରିଙ୍ଗିଆ, ୩।୩/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ଅଞ୍ଚଳରୁ ନିଖୋଜ ଥିବା ଜଣେ ୬୦ ବର୍ଷିୟ ବୃଦ୍ଧା ଦୀର୍ଘ ଏକବର୍ଷ ପରେ ଛତିଶଗଡ ଅଞ୍ଚଳରୁ ଉଦ୍ଧାର ହୋଇଥିବା ଗୋଛାପଡ଼ା ଥାନା ଅଧିକାରୀ ରଞ୍ଜିତ୍ କୁମାର ମୁନୀ ସୂଚନା ଦେଇଛନ୍ତି । ପୋଲିସ ସୂଚନା ପ୍ରକାରେ, ଗୋଛାପଡା ଥାନା କ୍ରାଣ୍ଡିବାଲି ପଞ୍ଚାୟତର ଫଗୁଣୀ ନାଏକ ନାମକ ବୃଦ୍ଧାଜଣକ ପ୍ରାୟ ଏକବର୍ଷ ତଳେ ବୁଲିବାକୁ ଯାଇ ଆଉ ଫେରିନଥିଲେ। ଘରଲୋକ ବହୁ ଖୋଜାଖୋଜି କଲାପରେ ମଧ୍ୟ ତାଙ୍କର କୌଣସି ଖବର ପାଇନଥିଲେ । ଅନ୍ୟପଟେ ସମ୍ପୃକ୍ତ ବୃଦ୍ଧାଙ୍କ ମାନସିକ ସ୍ଥିତି ଠିକନଥିବା ତାଙ୍କ ପରିବାର ଲୋକେ କହିଛନ୍ତି। ସମ୍ପୃକ୍ତ ବୃଦ୍ଧା ଜଣକ ଛତିଶଗଡ ରାଜ୍ୟ ବିଲାଶପୁର ଅଞ୍ଚଳରେ ବୁଲୁଥିବା ଦେଖି କିଛିଦିନ ତଳେ ବିଳାଶପୁର ଅଞ୍ଚଳର ଶ୍ରଦ୍ଧା ଫାଉଣ୍ଡେସନ ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନ ତାଙ୍କୁ ଉଦ୍ଧାର କରି ତାଙ୍କ ମାନସିକ ଅବସ୍ଥା ଠିକ ନଥିବାରୁ ତାଙ୍କୁ ସ୍ୱେଚ୍ଛାସେବୀ ସଂଗଠନର ସହାୟତାରେ ବିଲାସପୁରର ଏକ ଘରୋଇ ଡାକ୍ତରଖାନାରେ ତାଙ୍କ ଚିକିତ୍ସା କରାଯାଇଥିଲା । ଚିକିତ୍ସା ପରେ ସମ୍ପୃକ୍ତ ବୃଦ୍ଧାଙ୍କ ଅବସ୍ଥାରେ ସୁଧାର ଆସିବାରେ ତାଙ୍କୁ ପଚରାଉଚରା ପରେ ବୃଦ୍ଧାଜଣକ ତାଙ୍କର ସଂପୂର୍ଣ୍ଣ ପରିଚୟ ପ୍ରଦାନ କରିଥିବା ବେଳେ ଏନେଇ ସଂଗଠନ ସଦସ୍ୟ ଲକ୍ଷ୍ମୀପ୍ରିୟା ବିଶୋୟୀ ଗେଛାପଡା ଥାନା ଅଧିକାରୀଙ୍କୁ ବୃଦ୍ଧାଙ୍କ ବିଷୟରେ ଅବଗତ କରାଇଥିଲେ। ଗୋଛାପଡା ଥାନା ଅଧିକାରୀ ରଞ୍ଜିତ କୁମାର ମୁନି ବୃଦ୍ଧାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ । ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ବୃଦ୍ଧାଙ୍କୁ ଗୋଛାପଡ଼ା ଥାନାକୁ ଆଣିବା ପରେ ଥାନା ଅଧିକାରୀଙ୍କ ଉପସ୍ଥିତିରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

**ODISHA**
**News**

**ODIA**

**THE PRAJATANTRA**
**Cuttack**

**MARCH 2023**


76th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରଜାତନ୍ତ୍ର

The Prajatantra

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୬ବର୍ଷ ❑ ସଂଖ୍ୟା-୨୦୫ ● କଟକ ● ଶୁକ୍ରବାର ● ୧୦ ମାର୍ଚ୍ଚ-୨୦୨୩ ● ତୁଳା ୪ ● ସାଲ୍ ୧୪୩୦

CUTTACK ● FRIDAY ● 10 MARCH-2023 ● RNI Regd.No.4001/57

ମୂଲ୍ୟ : ₹୫ ଟଙ୍କା


# ଶ୍ରଦ୍ଧା ଫାଉଣ୍ଡେସନ୍ ସହଯୋଗରୁ ନିଖୋଜ ପୁଅକୁ ଫେରିପାଇଲେ ମା-ବାପା



କଣ୍ଟାବାଞ୍ଜି (ପିପିଏସ୍): ୬ବର୍ଷ ପୂର୍ବେ ନିଖୋଜ ହୋଇଯାଇଥିଲେ ଭଗବାନ। ନରସିଂଗନାଥ ଦର୍ଶନ ପାଇଁ ପରିବାର ସହ ଯାଇଥିଲେ ଚତୁର୍ଭୁଜ ପଟେଲ ପଦ୍ମପୁର ବାସୀ। ସେହି ସ୍ଥାନରୁ ପୁଅ ଭଗବାନ ନିଖୋଜ ହୋଇଯାଇଥିଲେ, ମାନସିକ ବିକୃତି କାରଣରୁ ପୁଅ ଭଗବାନ ପୁଟେଲ ଅନ୍ୟତ୍ର ପଳେଥଇଥିବା ଖବର ମଧ ପ୍ରକାଶିତ ହୋଇଥିଲା, ସ୍ଥାନୀୟ ଥାନାରେ ମଧ୍ୟ ଏତଲା ହୋଉଥିଲା , କିନ୍ତୁ ଆଶା ରଖିଥିଲେ ପରିବାର ଜଣ ଯେ ଭଗବାନ ନିଶ୍ଚୟ ଫେରିବ , ଖୋଜା ଖୋଜି ମଧ୍ୟ ଚାଲିଥିଲା , ଆଶା ମଧ୍ୟ ରହିଥିଲା , ସେହି ଆଶା କୁ ସାକାର କରିଛି ଶ୍ରଦ୍ଧା ଫାଉଣ୍ଡେସନ, ସୂଚନା ଅନୁସାରେ ଶ୍ରଦ୍ଧା ଫାଉଂଡେସନ ସଦସ୍ୟ ଙ୍କ ଦ୍ୱାରା ମୁମ୍ବାଇରେ ଚିହ୍ନିତ ହୋଇଥିଲେ ଭଗବାନ, ୬ ମାସର ଚିକିତ୍ସା ଓ ସେବା ରୁ ଭଗବାନଙ୍କ ସ୍ଥିତି ସୁଧାର ହୋଇଥିବାରୁ ତାଙ୍କ ପଦ୍ମପୁର ଘରେ ପହଂଚାଇବା କାର୍ଯ୍ୟ ସମ୍ଭବ କରିଛି ଶ୍ରଦ୍ଧା ଫାଉଂଡେସନ , ମା ବାପା ଙ୍କ ପ୍ରତୀକ୍ଷାର ଅନ୍ତ ସରିଲା, ନିଖୋଜ ପୁଅ ଘରକୁ ଫେରିଲା, ଏହି ମହାନ୍ତମ କାର୍ଯ୍ୟ ପାଇଁ ପରିବାର ସହ ଗାଁଲୋକେ ଶ୍ରଦ୍ଧା ଫାଉଂଡେସନ କୁ ସାଧୁବାଦ ଜଣେଇଛନ୍ତି।

**ODISHA**
**News**

**ODIA**

**SAMBAD**
**Kendujhar**

**OCTOBER 2023**

SAMBAD
ସମ୍ବାଦ

# ଘରକୁ ଫେରିଲେ ସାବିତ୍ରୀ



କେନ୍ଦୁଝର, ୫/୧୦(ଇମିସ): ନୂଆଦିଲ୍ଲୀ ରେଳଷ୍ଟେସନ ବାହାରେ ଅଚେତ ଅବସ୍ଥାରେ ପଡ଼ିଥିଲେ ସାବିତ୍ରୀ (ଛଦ୍ମନାମ)। ତାଙ୍କୁ ଦିଲ୍ଲୀର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦ୍ଧାର କରି ଚିକିତ୍ସା କରାଇବା ପରେ ଆଣି ଘରେ ଛାଡ଼ିଛି। ତେଲକୋଇ ବ୍ଲକ୍ ଶିରିଗିଡ଼ା ଗ୍ରାମର ସାବିତ୍ରୀ ଘରକୁ ଫେରିବା ପରେ ପରିବାର ଲୋକେ ସମ୍ପୃକ୍ତ ଅନୁଷ୍ଠାନକୁ କୃତଜ୍ଞତା ଜଣାଇଛନ୍ତି। ଶିରିଗିଡ଼ା ଗ୍ରାମର ସାବିତ୍ରୀଙ୍କର ସାମାନ୍ୟ ମାନସିକ ସମସ୍ୟା ଥିଲା। ଏଥିପାଇଁ ସେ କଟକ ବଡ଼ଡାକ୍ତରଖାନାରୁ ଔଷଧ ଖାଉଥିଲେ। ତିନିବର୍ଷ ତଳେ ସାବିତ୍ରୀଙ୍କ ବିବାହ ଛତରପୁର ଅଞ୍ଚଳରେ ହୋଇଥିଲା। ବିବାହ ପରେ ସାବିତ୍ରୀ ଭଲରେ ରହିବେ ବୋଲି ପରିବାର ଲୋକେ ଆଶା ରଖିଥିଲେ। କିନ୍ତୁ ତାହା ହୋଇ ନଥିଲା। ସାବିତ୍ରୀଙ୍କ ସ୍ୱାମୀ ତାଙ୍କୁ ଦିଲ୍ଲୀରେ ନେଇ ରଖିଥିଲେ। ସେଠାରେ ତାଙ୍କୁ ନିର୍ଯାତନା ଦେଉଥିଲେ। ଦିଲୀର ଶ୍ରଦ୍ଧା ଫାଉଣ୍ଡେସନ ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାବିତ୍ରୀଙ୍କୁ ନୂଆଦିଲ୍ଲୀ ରେଳଷ୍ଟେସନ ନିକଟରୁ ଅଚେତ ଅବସ୍ଥାରେ ପାଇଥିଲେ। ତାଙ୍କୁ ଉଦ୍ଧାର କରି ଚିକିତ୍ସା କରିବା ପରେ ସାବିତ୍ରୀ ସୁସ୍ଥ ହୋଇଥିଲେ। ପଚରାଉଚରା ପରେ ତାଙ୍କ ଘର

- ଦିଲ୍ଲୀ ଷ୍ଟେସନରେ ଅଚେତ ଅବସ୍ଥାରେ ପଡ଼ିଥିଲେ
- ଉଦ୍ଧାର କରିଥିଲା ସ୍ୱେଚ୍ଛାସେବୀ ଅନୁଷ୍ଠାନ

କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍ ଶିରିଗିଡ଼ା ଗ୍ରାମରେ ବୋଲି ଜଣାପଡ଼ିଥିଲା। କିଛିଦିନ ତଳେ ଅନୁଷ୍ଠାନର କର୍ମକର୍ତ୍ତାମାନେ ତାଙ୍କୁ ଆଣି ଘରେ ଛାଡ଼ିଛନ୍ତି। ଅନ୍ୟପକ୍ଷରେ ସାବିତ୍ରୀଙ୍କୁ ଖୋଜିଖୋଜି ନୟାନ୍ତ ହୋଇଥିବା ପରିବାର ଲୋକେ ତାଙ୍କୁ ପାଇବା ପରେ ଖୁସିବ୍ୟକ୍ତ କରିଛନ୍ତି।

**ODISHA**
**News**

**ODIA**

**THE PRAJATANTRA**
**Cuttack**

**APRIL 2024**


ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org
୭୭ବର୍ଷ ■ସଂଖ୍ୟା-୨୩୧● କଟକ ● ଗୁରୁବାର ●୪ ଏପ୍ରିଲ-୨୦୨୪ ●ମୀନ-୨୦ ●ସାଲ୍ ୧୪୩୧
CUTTACK●Thursday ●4 April-2024 ● RNI Regd.No.4001/
ମୂଲ୍ୟ: ₹ ୫ ଟଙ୍କା


# ଶ୍ରଦ୍ଧା ଫାଉଣ୍ଡେସନ ସହଯୋଗରେ ଘରକୁ ଫେରିଲେ ଯଶୋଦା

କଣ୍ଟାବାଞ୍ଜି (ପିପିଏସ୍): ମାନସିକ ଅସ୍ଥିରତା ରୁ କେନ ଆଡ଼େ ପଳେଇଯାଇଥିଲେ ଯଶୋଦା । ପରିବାର ଲୋକଙ୍କ ଦ୍ୱାରା ଘୋଜା ଘୋଜି ପରେ ବି କିଛି ଖବର ମିଳିନଥିଲା । କିନ୍ତୁ ୩ ବର୍ଷ ପରେ ଯଶୋଦା ନିଜ ଗାଁ ଘରକୁ ଫେରିଛନ୍ତି । ଏହା ସଫଳ ହୋଇଛି ଶ୍ରଦ୍ଧା ଫାଉଂଡେସନ ସହଯୋଗ ରୁ କ୍ଷ ସୂଚନାକ୍ରମେ ଉତ୍ତରପ୍ରଦେଶ ବାରାଣସି ରାସ୍ତା କଡ଼ରୁ ଉଦ୍ଧାର କରିଥିଲା ଶ୍ରଦ୍ଧା ଫାଉଂଡେସନ ଟିମ୍, ମାନସିକ ବିକୃତି ରୁ କିଛି କହିବା ରେ ଅସମର୍ଥତାରୁ ଦୁଇ ବର୍ଷ ସେଲ୍‌ଟର ହୋମ୍‌ରେ ରଖି ମୁମ୍ବାଇ ବଡ଼ ମେଡିକାଲର ଅନୁଭବୀ ଡାକ୍ତରଙ୍କ ଚିକିତ୍ସା ଓ ଔଷଧ ପରାମର୍ଶରୁ ଯଶୋଦା ନିଜ ଚେତନା ପୁଣି ପାଇଥିବାରୁ ବୁଧବାର କଣ୍ଟାବାଞ୍ଜି ନିକଟ ମାକଡ଼ଚୁଆଁ ନିଜ ଘରକୁ ଫେରିଛନ୍ତି । ଶ୍ରଦ୍ଧା ଫାଉଣ୍ଡେସନର ଏ ଭଳି ମହାନ କାର୍ଯ୍ୟ କୁ ଗାଁ ଲୋକେ ପ୍ରଶଂସା କରିବା ସହିତ ସାଧୁବାଦ ଜଣେଇଛନ୍ତି ।



**ODISHA**
**News**

**ODIA**

**SAMRUDHA ODISHA**
**Balangir**

**JANUARY 2025**

ଏ ମାଟି ପାଇଁ ଆମ ସଂକଳ୍ପ
SAMRUDHA ODISHA DAILY
ସମୃଦ୍ଧ ଓଡ଼ିଶା

# ଶ୍ରଦ୍ଧା ଫାଉଣ୍ଡେସନ ସହଯୋଗରୁ ଘରକୁ ଫେରିଲେ ବନତାଣ୍ଡି

ସମୃଦ୍ଧ ଓଡିଶା

January 22, 2025



କଣ୍ଟାବାଞ୍ଜି (ସମୃଦ୍ଧଓଡିଶା) ୩ ବର୍ଷ ହେଲା କେନ ଆଡ଼େ ପଲେଇ ଯାଇଥିଲେ । ଘର ଆଡୁ ଖୋଜା ଖୋଜି ପରେ କିଛି ପତ୍ତା ନ ମିଳିଥିବାରୁ ଆଉ ଆଶା ଛାଡି ଦେଇଥିଲେ ଘର ଲୋକେ । କିନ୍ତୁ ଭଲ ହୋଇ ଆଜି ଘରକୁ ଫେରିଛନ୍ତି ବନ ତାଣ୍ଡି (୪୨) । ମଧ୍ୟପ୍ରଦେଶ ର ସି୍ୱାନ ବୋର୍ଡ଼ର ରାସ୍ତା କଡ଼ରୁ ପୋଲିସ ସୂଚନା ଆଧାରରେ ବନ ତାଣ୍ଡି କୁ ଉଦ୍ଧାର କରାଯାଇଥିଲା । ଉଦ୍ଧାର ସମୟରେ ତାଙ୍କ ମାନସିକ ସ୍ୱାସ୍ଥ୍ୟ ବିଗଡି ଯାଇଥିବାରୁ କିଛି ବୁଝିବା ଓ କହି ନ ପାରୁଥିବା ବେଳେ ତାଙ୍କୁ ଶ୍ରଦ୍ଧା ଫାଉଣ୍ଡେସନ ଶେଲଟର ହୋମରେ ୬ ମାସ ଚିକିତ୍ସା ଓ ସେବା ପରେ ତାଙ୍କ ମାନସିକ ବିକାଶ ପାଇଥିବାରୁ ଆଜି ନିଜ ଗାଁ ଅମ୍ଲପାଲି ଘରକୁ ଫେରିଛନ୍ତି ବନ ତାଣ୍ଡି । ମାନବ ସେବା ଭଳି ଜନ କଲ୍ୟାଣ କାର୍ଯ୍ୟ ପାଇଁ ଶ୍ରଦ୍ଧା ଫାଉଣ୍ଡେସନ କୁ ଖୁବ ପ୍ରଶଂସା କରିବା ସହିତ ସାଧୁବାଦ ଜଣେଇଥିଲେ ପରିବାର ଓ ଗାଁ ଲୋକେ ।

ରିପୋର୍ଟ : ରଜତ ମହାପାତ୍ର ଓ ବିନୋଦ ସିଂ

**ODISHA**
**News**

**ODIA**

**THE PRAJATANTRA**
**Balangir**

**JANUARY 2025**


78th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୮ବର୍ଷ ❑ ସଂଖ୍ୟା-୧୬୯ ● କଟକ ● ଗୁରୁବାର ● ୨୩ ଜାନୁଆରୀ-୨୦୨୫ ● ବିଷ୍ଣୁ-୧୧ ● ସାଲ ୧୪୩୧
CUTTACK ● THURSDAY ● 23 JANUARY-2025 ● RNI Regd. No. 4001/57
ମୂଲ୍ୟ : ₹ ୫ ଟଙ୍କା


# ଘରକୁ ଫେରିଲେ ନିଖୋଜ ବନ ତାଣ୍ଡି



କଣ୍ଟାବାଞ୍ଜି (ପିପିଏସ୍): ୩ ବର୍ଷ ହେଲା କେନ ଆଡ଼େ ପଳେଇ ଯାଇଥିଲେ । ଘର ଆଡୁ ଖୋଜା ଖୋଜି ପରେ କିଛି ପତ୍ତା ନମିଳିନଥିବାରୁ ଆଉ ଆଶା ଛାଡି ଡେଇଥିଲେ ଘର ଲୋକେ। କିନ୍ତୁ ଭଲ ହୋଇ ଘରକୁ ଫେରିଛନ୍ତି ବନ ତାଣ୍ଡି (୪୨) । ମଧ୍ୟପ୍ରଦେଶ ର ସ୍ୱିାନ ବୋର୍ଡ଼ ର ରାସ୍ତା କଡ଼ରୁ ପୋଲିସ ସୂଚନା ଆଧାରରେ ବନ ତାଣ୍ଡିକୁ ଉଦ୍ଧାର କରାଯାଇଥିଲା । ଉଦ୍ଧାର ସମୟରେ ତାଙ୍କ ମାନସିକ ସାସ୍ଥ୍ୟ ବିଗଡି ଯାଇଥିବାରୁ କିଛି ବୁଝିବା ଓ କହି ନ ପାରୁଥିବା ବେଳେ ତାଙ୍କୁ ଶ୍ରଦ୍ଧା ଫାଉଣ୍ଡେସନ ଶେଲଟର ହୋମ୍‌ରେ ୬ ମାସ ଚିକିସ୍ଥା ଓ ସେବା ପରେ ତାଙ୍କ ମାନସିକ ବିକାଶ ପାଇଥିବାରୁ ନିଜ ଗାଁ ଅମ୍ଲାପାଲି ଘରକୁ ଫେରିଛନ୍ତି ବନ ତାଣ୍ଡି । ମାନବ ସେବା ଭଳି ଜନ କଲ୍ୟାଣ କାର୍ଯ୍ୟ ପାଇଁ ଶ୍ରଦ୍ଧା ଫାଉଣ୍ଡେସନ କୁ ଖୁବ ପ୍ରଶଂସା କରିବା ସହିତ ସାଧୁବାଦ ଜଣେଇଥିଲେ ପରିବାର ଓ ଗାଁ ଲୋକେ ।

**ORISSA**

**News**

**ODIA**

**ANCHALIKA KHABAR**

**Bhubaneshwar**

**FEBRUARY 2025**

ଆଞ୍ଚଳିକ ଖବର

ANCHALIKA KHABAR

R.N.I. No- ODIODI/2009/31535

Volume-16, Issue-25, Wednesday, 19 February 2025, Bhubaneswar, Page-08, Price-5/-

# ଶ୍ରଦ୍ଧା ଫାଉଣ୍ଡେସନ ର ସହଯୋଗରେ ୧୫ ବର୍ଷ ପରେ ଘରକୁ ଫେରିଲେ ବାମଦେବ

ରାୟଗଡ଼ା ୧୮/୦୨(କର୍ଣ୍ଣ କନ୍ଦପାଣି) କାଶୀପୁର ସଦର ବ୍ଲକ କଲୋନୀ ସାହିର ବାମଦେବ ଙ୍କ ମାନସିକ ଅବସ୍ଥା ଠିକ ନଥିବାରୁ କେଉଁ ଆଡ଼େ ଚାଲିଯାଇଥିଲେ । ତାଙ୍କ ପରିବାର ବହୁ ଖୋଜା ଖୋଜି କରିବାପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିନଥିଲା ଶେଷରେ ପରିବାର ଲୋକେ ବାମଦେବଙ୍କ ଉପରେ ଆଶା ଛାଡିଦେଇଥିଲେ। କିନ୍ତୁ ଚଳିତ ସପ୍ତାହରେ ମୁମ୍ବାଇ ର ଶ୍ରଦ୍ଧା ଫାଉଣ୍ଡେସନ ତରଫରୁ ଖବର ଆସିଲା ଯେ ବାମଦେବ ଙ୍କ ବିଷୟରେ ଭିଡିଓ କଲରେ ପରିବାର ଦେଖିବା ପରେ ତାଙ୍କ ପରିବାର ପାଖକୁ ଉକ୍ତ ସଂସ୍ଥାର ସାମାଜିକ କର୍ମୀ ସୁନିଲ କୁମାର ଦାସ ଟ୍ରେନ ଯୋଗେ ବାମଦେବଙ୍କୁ ତାଙ୍କ ପରିବାର ପାଖରେ ଆଣି ଛାଡ଼ିଥିଲେ। ବାମଦେବ ଙ୍କ କହିବା ଅନୁସାରେ ପୂର୍ବରୁ ତାଙ୍କ ମାନସିକ ଅବସ୍ଥା ଠିକ ନଥିବା ବେଳେ ଦୀର୍ଘ ୧୫ ବର୍ଷ ତଳେ କୁଆଡେ ଚାଲିଯାଇଥିଲେ କିନ୍ତୁ



କୌଣସି ସନ୍ଧାନ ମିଳିନଥିଲା। ବାମଦେବଙ୍କ ବାପା ମା ପୂର୍ବରୁ ଆର ପାରିରେ ଚାଲିଯାଇଥିଲେ। ତାଙ୍କ ଦୁଇ ଜୁଇଁ ସଦା ଏବଂ ରଞ୍ଜନ ତାଙ୍କୁ ପୁଅ ଭଳିଆ ଦାୟତ୍ୱ ନେଉଥିଲେ କିନ୍ତୁ ତାଙ୍କ ନିଖୋଜ ପରେ ତାଙ୍କ ପରିବାର ପୁରା ଭାଙ୍ଗିପଡ଼ିଥିଲେ । ହଠାତ ବାମଦେବଙ୍କୁ ପାଇବା ପରେ ପରିବାର ଏବଂ ତାଙ୍କ ସମ୍ପର୍କୀୟ ଖୁସିରେ ତାଙ୍କୁ ଆଣିବାରେ ସାହାଯ୍ୟ କରିଥିବା ସାମାଜିକ କର୍ମୀ ଏବଂ ଉକ୍ତ ସଂସ୍ଥା ଙ୍କୁ ଧନ୍ୟବାଦ ଦେବା ସହ ସମ୍ମାନରେ ପାଛୋଟି ନେଇଥିଲେ । ବମ୍ବେ ଶ୍ରଦ୍ଧା ଫାଉଣ୍ଡେସନ ର ସାମାଜିକ କର୍ମୀଙ୍କ କହିବା ଅନୁଯାୟୀ ବାମଦେବ ୨୦୧୯ ମସିହାରେ ମୁମ୍ବାଇ ର ଦାଦର ଷ୍ଟେସନ ନିକଟରେ ବହୁତ ଦୟନିୟ ଅବସ୍ଥାରେ ପଡି ରହିଥିଲେ। ଶ୍ରଦ୍ଧା ଫାଉଣ୍ଡେସନର ସାମାଜିକ କର୍ମୀ ମାନେ ତାଙ୍କୁ ନେଇ ଭାରତ ର ବଡ ମନସ୍ତତ୍ୱବିତ ଡାକ୍ତର ଭରତ ଭଟୱାନୀ ଏବଂ ଉକ୍ତ ସଂସ୍ଥାର ସାମାଜିକ କର୍ମୀ ମାନେ ଉତ୍ତମ ଚିକିତ୍ସା କରେଇଥିଲେ। କିନ୍ତୁ ଦୀର୍ଘ ପାଞ୍ଚ ବର୍ଷ ଯାଏଁ ନିଜ ପରିଚୟ କିଛି କହିପାରିନଥିଲେ ଶେଷରେ ଗତ ମାସରେ କାଶୀପୁର ରଥଯାତ୍ରା ଏବଂ ହରିଜନ ପଡା ସ୍କୁଲ ଏବଂ ସୁନାବେଡା କଥା କହିବାପରେ ସାମାଜିକ କର୍ମୀ ସୁନିଲ ଦାସ କାଶୀପୁର ର ଫୋଟୋ ଗ୍ରାଫର ସରୋଜ କୁମାର ଙ୍କୁ ସୋସିଆଲ ମିଡିଆରେ ସମସ୍ତ ବିଷୟ କହିଥିଲେ ସରୋଜ ସଙ୍ଗେ ସାଙ୍ଗେ କାଶୀପୁର ର ସ୍ଥାନୀୟ ସାମ୍ବାଦିକ ତୁଲିଆ ମଣ୍ଡଳଙ୍କୁ ସମସ୍ତ ତଥ୍ୟ କହିବାପରେ ତାଙ୍କେ କାଶୀପୁର ର ବୋଲି ପରିଚୟ ଦେଇଥିଲେ । ଉକ୍ତ ସାମ୍ବାଦିକ ଶ୍ରଦ୍ଧା ଫାଉଣ୍ଡେସନ ର କର୍ମଚାରୀ ଏବଂ ବାମଦେବଙ୍କ ପରିବାର ସହିତ ଭିଡିଓ କଲ କରି ବାମଦେବ ଙ୍କୁ ଦେଖାଇବା ପରେ ବାମଦେବଙ୍କୁ ଦୀର୍ଘ ବର୍ଷ ପରେ ଦେଖି ପରିବାର କାନ୍ଦି ପକେଇଥିଲେ। ଉକ୍ତ ସଂସ୍ଥା ତରଫରୁ ତାଙ୍କୁ ଟ୍ରେନ ଯୋଗେ କାଶୀପୁର ଆଣି ତାଙ୍କ ପରିବାରକୁ ହସ୍ତାନ୍ତର କରିଥିଲେ ଏବଂ ଆଗକୁ ବାମଦେବଙ୍କ ସମସ୍ତ ଔଷଧ ମଧ୍ୟ ଉକ୍ତ ସଂସ୍ଥା ତରଫରୁ ମାଗଣାରେ ଦିଆଯିବା ସହିତ ମାନସିକ ରୋଗୀଙ୍କୁ ପରିବାର କେମିତି ଦାୟତ୍ୱ ନେବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ । ବାମଦେବଙ୍କୁ ପାଇବା ପରେ ତାଙ୍କ ପରିବାର ଖୁସିରେ ଗଡ ଗଡ ହୋଇ କାନ୍ଦି ପକେଇଥିଲେ ଏବଂ ସହଯୋଗ କରିଥିବା ସମସ୍ତ ସାମାଜିକ କର୍ମୀ ମାନଙ୍କୁ ଧନ୍ୟବାଦ ଦେଇଥିଲେ।

# ORISSA
# News

## ODIA

## PRIYA KHABARA
## Bhubaneshwar

## FEBRUARY 2025

RNI No. - ODIODI/2008/27195

Visit our website
www.priyakhabar.com

ପ୍ରିୟ ଖବର
PRIYA KHABARA
Odia Daily

Bhubaneshwar - 20/02/2025

ନିରପେକ୍ଷ ଦୈନିକ ଖବରକାଗଜ

# ଶ୍ରଦ୍ଧା ଫାଉଣ୍ଡେସନର ସହଯୋଗରେ ୧୫ବର୍ଷ ପରେ ଘରକୁ ଫେରିଲେ ବାମଦେବ



କାଶିପୁର ତା,୧୮/୦୨/୨୦୨୫ରିଖ (ପ୍ରିୟ ଖବର,ଅରବିନ୍ଦ ସାହୁ ): ୧୫ ବର୍ଷ ତଳେ ରାୟଗଡା ଜିଲ୍ଲା କାଶୀପୁର ସଦର ବ୍ଲକ କଲୋନୀ ସାହିର ବାମଦେବଙ୍କ ମାନସିକ ଅବସ୍ଥା ଠିକ ନଥିବାରୁ କେଉଁଆଡେ଼ ଚାଲିଯାଇଥିଲେ । ତାଙ୍କ ପରିବାର ବହୁ ଖୋଜାଖୋଜି କରିବାପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିନଥିଲା ଶେଷରେ ପରିବାର ଲୋକେ ବାମଦେବଙ୍କ ଉପରେ ଆଶା ଛାଡିଦେଇଥିଲେ । କିନ୍ତୁ ଚଳିତ ସପ୍ତାହରେ ମୁମ୍ବାଇ ର ଶ୍ରଦ୍ଧା ଫାଉଣ୍ଡେସନ ତରଫରୁ ଖବର ଆସିଲା ଯେ ବାମଦେବ ଙ୍କ ବିଷୟରେ ଭିଡିଓ କଲରେ ପରିବାର ଦେଖିବା ପରେ ତାଙ୍କ ପରିବାର ପାଖକୁ ଉକ୍ତ ସଂସ୍ଥାର ସାମାଜିକ କର୍ମୀ ସୁନିଲ କୁମାର ଦାସ ଟ୍ରେନ ଯୋଗେ ବାମଦେବଙ୍କୁ ତାଙ୍କ ପରିବାର ପାଖରେ ଆଣି ଛାଡ଼ିଥିଲେ । ବାମଦେବ ଙ୍କ କହିବା ଅନୁସାରେ ପୂର୍ବରୁ ତାଙ୍କ ମାନସିକ ଅବସ୍ଥା ଠିକ ନଥିବା ବେଳେ ଦୀର୍ଘ ୧୫ ବର୍ଷ ତଳେ କୁଆଡେ ଚାଲିଯାଇଥିଲେ କିନ୍ତୁ କୌଣସି ସନ୍ଧାନ ମିଳିନଥିଲା । ବାମଦେବଙ୍କ ବାପା ମା ପୂର୍ବରୁ ଆର ପାରିରେ ଚାଲିଯାଇଥିଲା ବେଳେ ତାଙ୍କ ଦୁଇ ଜୁଇଁ ସଦା ଏବଂ ରଞ୍ଜନ ତାଙ୍କୁ ପୁଅ ଭଳିଆ ଦାୟତ୍ୱ ନେଉଥିଲେ କିନ୍ତୁ ତାଙ୍କ ନିଖୋଜ ପରେ ତାଙ୍କ ପରିବାର ପୁରା ଭାଙ୍ଗି ପଡ଼ିଥିଲେ । ହଠାତ ବାମଦେବଙ୍କୁ ପାଇବାପରେ ପରିବାର ଏବଂ ତାଙ୍କ ସମ୍ପର୍କୀୟ ଖୁସିରେ ତାଙ୍କୁ ଆଣିବାରେ ସାହାଯ୍ୟ କରିଥିବା ସାମାଜିକ କର୍ମୀ ଏବଂ ଉକ୍ତ ସଂସ୍ଥା କୁ ଧନ୍ୟବାଦ ଦେବା ସହ ସମ୍ମାନରେ ପାଛୋଟି ନେଇଥିଲେ । ବମ୍ବେ ଶ୍ରଦ୍ଧା ଫାଉଣ୍ଡେସନ ର ସାମାଜିକ କର୍ମୀଙ୍କ କହିବା ଅନୁଯାୟୀ ବାମଦେବ ୨୦୧୯ ମସିହାରେ ମୁମ୍ବାଇ ର ଦାଦର ଷ୍ଟେସନ ନିକଟରେ ବହୁତ ଦୟନିୟ ଅବସ୍ଥାରେ ପଡି ରହିଥିଲେ ଏବଂ ଶ୍ରଦ୍ଧା ଫାଉଣ୍ଡେସନର ସାମାଜିକ କର୍ମୀ ମାନେ ତାଙ୍କୁ ନେଇ ଭାରତ ର ବଡ ମନସ୍ତତ୍ୱବିତ ଡାକ୍ତର ଭରତ ଭଟୱାନୀ ଏବଂ ଉକ୍ତ ସଂସ୍ଥାର ସାମାଜିକ କର୍ମୀ ମାନେ ଉତ୍ତମ ଚିକିତ୍ସା କରେଇଥିଲେ କିନ୍ତୁ ଦୀର୍ଘ ପାଞ୍ଚ ବର୍ଷ ଯାଏଁ ନିଜ ପରିଚୟ କିଛି କହିପାରିନଥିଲେ ଶେଷରେ ଗତ ମାସରେ କାଶୀପୁର ରଥଯାତ୍ରା ଏବଂ ହରିଜନ ପଡା ସ୍କୁଲ ଏବଂ ସୁନାବେଡା କଥା କହିବାପରେ ସାମାଜିକ କର୍ମୀ ସୁନିଲ ଦାସ କାଶୀପୁର ର ଫୋଟୋଗ୍ରାଫର ସରୋଜ କୁମାର ଙ୍କୁ ସୋସିଆଲ ମିଡିଆରେ ସମସ୍ତ ବିଷୟ କହିଥିଲେ ସରୋଜ ସଙ୍ଗେ ସାଙ୍ଗେ କାଶୀପୁର ର ସ୍ଥାନୀୟ ସାମ୍ବାଦିକ ଟୁଲିଆ ମଣ୍ଡଳଙ୍କୁ ସମସ୍ତ ତଥ୍ୟ କହିବାପରେ ତାଙ୍କେ କାଶୀପୁର ର ବୋଲି ପରିଚୟ ଦେଇଥିଲେ । ଉକ୍ତ ସାମ୍ବାଦିକ ଶ୍ରଦ୍ଧା ଫାଉଣ୍ଡେସନ ର କର୍ମଚାରୀ ଏବଂ ବାମଦେବଙ୍କ ପରିବାର ସହିତ ଭିଡିଓ କଲ କରି ବାମଦେବ ଙ୍କୁ ଦେଖାଇବା ପରେ ବାମଦେବଙ୍କୁ ଦୀର୍ଘ ବର୍ଷ ପରେ ଦେଖି ପରିବାର କାନ୍ଦି ପକେଇଥିଲେ,ଉକ୍ତ ସଂସ୍ଥା ତରଫରୁ ତାଙ୍କୁ ଟ୍ରେନ ଯୋଗେ କାଶୀପୁର ଆଣି ତାଙ୍କ ପରିବାରକୁ ହସ୍ତାନ୍ତର କରିଥିଲେ ଏବଂ ଆଗକୁ ବାମଦେବଙ୍କ ସମସ୍ତ ଔଷଧ ମଧ୍ୟ ଉକ୍ତ ସଂସ୍ଥା ତରଫରୁ ମାଗଣାରେ ଦିଆଯିବା ସହିତ ମାନସିକ ରୋଗୀଙ୍କୁ ପରିବାର କେମିତି ଦାୟତ୍ୱ ନେବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ । ବାମଦେବଙ୍କୁ ପାଇବା ପରେ ତାଙ୍କ ପରିବାର ଖୁସିରେ ଗଡ ଗଡ ହୋଇ କାନ୍ଦି ପକେଇଥିଲେ ଏବଂ ସହଯୋଗ କରିଥିବା ସମସ୍ତ ସାମାଜିକ କର୍ମୀ ମାନଙ୍କୁ ଧନ୍ୟବାଦ ଦେଇଥିଲେ ।

**ODISHA**
**News**

**ODIA**

**DHARITRI**
**Rayagada**

**FEBRUARY 2025**

ଧରିତ୍ରୀ 51 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୯/୨୦୨୫ (୧୪ ପୃଷ୍ଠା) Bhubaneswar, Wednesday, February 19/2025 Page 14 ₹ 7.00 | RAYAGADA

# ୧୫ବର୍ଷ ପରେ ଘରକୁ ଫେରିଲେ ନିଖୋଜ ବାମଦେବ

କାଶୀପୁର/ଟିକିରି,୧୮।୨ (ମୋହନ ନାୟକ/ପ୍ରଫୁଲ୍ଲ କୁମାର ବେହେରା) ନିଖୋଜ ହେବାର ୧୫ ବର୍ଷ ପରେ ନିଜ ଘରକୁ ଫେରିଛନ୍ତି ରାୟଗଡ଼ା ଜିଲା କାଶୀପୁର ସଦର ବ୍ଲକ୍ କଲୋନି ସାହିର ବାମଦେବ ନାଏକ। ମୁମ୍ବାଇର ଶ୍ରଦ୍ଧା ଫାଉଣ୍ଡେଶନ ତରଫରୁ ସାମାଜିକ କର୍ମୀ ସୁନୀଲ କୁମାର ଦାସ ଟ୍ରେନ୍ ଯୋଗେ ବାମଦେବଙ୍କୁ ଆଣି ତାଙ୍କ ଘରେ ଛାଡ଼ିଛନ୍ତି। ଏତେ ବର୍ଷ ପରେ ବାମଦେବଙ୍କୁ ପାଇବା ପରେ ପରିବାର ଏବଂ ତାଙ୍କ ସମ୍ପର୍କୀୟ ଖୁସି ହୋଇଯାଇଛନ୍ତି। ତାଙ୍କୁ ଆଣିବାରେ ସାହାଯ୍ୟ କରିଥିବା ସାମାଜିକ କର୍ମୀ ଏବଂ ଉକ୍ତ ସଂସ୍ଥାଙ୍କୁ ପରିବାର ଲୋକେ ଧନ୍ୟବାଦ ଜଣାଇଛନ୍ତି।

ବାମଦେବଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ବାମଦେବଙ୍କ ମା'ବାପା ପୂର୍ବରୁ ମୃତ୍ୟୁବରଣ କରିଥିବାରୁ ୨ଭିଣୋଇ ସଦା ଏବଂ ରଞ୍ଜନ ତାଙ୍କୁ ପୁଅ ଭଳିଆ ଦାୟିତ୍ୱ ନେଉଥିଲେ। ବାମଦେବଙ୍କ ମାନସିକ ଅବସ୍ଥା ଠିକ ନ ଥିବାରୁ ୧୫ ବର୍ଷ ତଳେ ସେ କେଉଁଆଡେ ଚାଲିଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଅନ୍ୟପକ୍ଷେ ଶ୍ରଦ୍ଧା ଫାଉଣ୍ଡେଶନର ସାମାଜିକ କର୍ମୀଙ୍କ କହିବା ଅନୁଯାୟୀ, ବାମଦେବ ୨୦୧୯ରେ ମୁମ୍ବାଇର ଦାଦର ରେଳ ଷ୍ଟେଶନ ନିକଟରେ ବହୁତ ଦୟନୀୟ ଅବସ୍ଥାରେ ପଡି ରହିଥିଲେ। ଶ୍ରଦ୍ଧା ଫାଉଣ୍ଡେଶନର ସାମାଜିକ କର୍ମୀମାନେ ତାଙ୍କୁ ମନସ୍ତତ୍ତ୍ୱବିତ ଡାକ୍ତରଙ୍କୁ ଦେଖାଇବା ସହ ଉତ୍ତମ ଚିକିତ୍ସା କରିଥିଲେ। ହେଲେ ୫ବର୍ଷ ଯାଏଁ ବାମଦେବ ନିଜ ପରିଚୟ କିଛି କହିପାରି ନ ଥିଲେ। ଗତ ମାସରେ କାଶୀପୁର ରଥଯାତ୍ରା ଏବଂ ହରିଜନପଡା ସ୍କୁଲ ଏବଂ ସୁନାବେଡ଼ା କଥା କହିବାପରେ ସାମାଜିକ କର୍ମୀ ସୁନୀଲ କାଶୀପୁରର ଜଣେ ଫଟୋଗ୍ରାଫର ସରୋଜ କୁମାରଙ୍କୁ ସୋସିଆଲ ମିଡିଆରେ ସମସ୍ତ ବିଷୟ କହିଥିଲେ। ସରୋଜ ଏ ନେଇ କାଶୀପୁରର ଜଣେ ଖବରଦାତା ତୁଳିଆ ମଣ୍ଡଳଙ୍କୁ ସମସ୍ତ ତଥ୍ୟ କହିବାପରେ ସେ ଶ୍ରଦ୍ଧା ଫାଉଣ୍ଡେଶନର କର୍ମଚାରୀ ଏବଂ ବାମଦେବଙ୍କ ପରିବାର ସହ ଭିଡିଓ କଲ୍‌କରି କଥା ହେବା ସହ ବାମଦେବଙ୍କୁ ଦେଖିଥିଲେ। ବାମଦେବଙ୍କ ଘର କାଶୀପୁରରେ ବୋଲି ଜଣାପଡ଼ିବା ପରେ ଉକ୍ତ ସଂସ୍ଥା ତରଫରୁ ତାଙ୍କୁ ଟ୍ରେନ ଯୋଗେ କାଶୀପୁର ଆଣି ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ଏଥିସହ ଆଗକୁ ବାମଦେବଙ୍କ ସମସ୍ତ ଔଷଧ ମଧ ଉକ୍ତ ସଂସ୍ଥା ତରଫରୁ ମାଗଣାରେ ଦିଆଯିବ ବୋଲି କହିଥିଲେ ।


ଶ୍ରଦ୍ଧା ଫାଉଣ୍ଡେଶନର ସାମାଜିକ କର୍ମୀ ସୁନୀଲ, ବାମଦେବଙ୍କ ସହ ପରିବାର ଲୋକେ।

**ODISHA**
**News**

**ODIA**

**THE PRAMEYA**
**Jeypore**

**FEBRUARY 2025**

CELEBRATING 13th ANNIVERSARY

# ପ୍ରମେୟ
THE PRAMEYA

PRINTED AT BHUBANESWAR SAMBALPUR PANIKOILI JEYPORE
RNI REGD NO: ODIODI/2011/37619 - POSTAL REGD NO: BN/208/23-25
ବର୍ଷ ୧୪ । ସଂଖ୍ୟା ୨୮୯ । ଜୟପୁର
୧୯ ଫେବ୍ରୁଆରୀ ୨୦୨୫ । ବୁଧବାର

18 PAGES I ₹7.00
VOLUME 14 | ISSUE 289 | JEYPORE
19 FEBRUARY 2025 | WEDNESDAY

www.prameya.com  prameyaodia  prameyaodia  @PrameyaOdia




### ମାନସିକ ଭାରସାମ୍ୟ ହରାଇ ନିଖୋଜ ଥିଲେ

# ୧୫ ବର୍ଷ ପରେ ଘରକୁ ଫେରିଲେ ବାମଦେବ

**➡ମୁମ୍ବାଇର ଦାଦର ଷ୍ଟେସନରେ ଅସହାୟ ଅବସ୍ଥାରେ ପଡ଼ିଥିଲେ, ଜୀବନ ବଞ୍ଚାଇଲା ଶ୍ରଦ୍ଧା ଫାଉଣ୍ଡେସନ୍**

ଟିକିରି,୧୮।୨(ଆପ୍ର): ଦୀର୍ଘ ୧୫ ବର୍ଷ ପରେ ଘରକୁ ଫେରିଛନ୍ତି କାଶୀପୁର କଲୋନିସାହିର ବାମଦେବ ନାୟକ। ମାନସିକ ଭାରସାମ୍ୟ ହରାଇ କେଉଁଆଡ଼େ ଚାଲିଯାଇଥିଲେ। ମୁମ୍ବାଇର 'ଶ୍ରଦ୍ଧା ଫାଉଣ୍ଡେସନ୍', କାଶୀପୁର ସାମାଜିକ କର୍ମୀ ସୁନୀଲ ଦାସ, ଫଟୋଗ୍ରାଫର ସରୋଜ କୁମାର ଏବଂ ସାମ୍ବାଦିକ ଟୁଲିଆ ମଣ୍ଡଳଙ୍କ ସହଯୋଗରେ ବାମଦେବ ତାଙ୍କ ନିଜ ଘରେ ପହଞ୍ଚିଛନ୍ତି। ହଜିଲା ପୁଅକୁ ପାଇବା ପରେ ପରିବାରରେ ଖୁସି ଖେଳିଯାଇଛି।



ବାପାମାଆଙ୍କ ମୃତ୍ୟୁ ପରେ ବାମଦେବ ଏକୁଟିଆ ହୋଇଯାଇଥିଲେ। ଜ୍ୱାଇଁ ସଦା ଏବଂ ରଞ୍ଜନ ତାଙ୍କୁ ପୁଅ ଭଳିଆ ପାଳିଥିଲେ। ମାନସିକ ସନ୍ତୁଳନ ହରାଇବା ପରେ ୨୦୧୦ ମସିହାରେ ବାମଦେବ ଘରୁ କେଉଁଆଡ଼େ ଚାଲିଯାଇଥିଲେ। ପରିବାର ଏବଂ ସମ୍ପର୍କୀୟ ଚାରିଆଡ଼େ ଖୋଜାଖୋଜି କରି ନିରାଶ ହୋଇଥିଲେ। ସନ୍ଧାନ ନମିଳିବାରୁ ସମସ୍ତେ ଆଶା ଛାଡ଼ିଦେଇଥିଲେ। କୌଣସି ପ୍ରକାରେ ପହଞ୍ଚିଥିଲେ ମୁମ୍ବାଇରେ। ମୁମ୍ବାଇର ଶ୍ରଦ୍ଧା ଫାଉଣ୍ଡେସନ୍‌ର କର୍ମୀଙ୍କ ସୂଚନା ଅନୁଯାୟୀ, ୨୦୧୯ ମସିହାରେ ଦାଦର ଷ୍ଟେସନ ପାଖରେ ବାମଦେବ ଦୟନୀୟ ଭାବେ ପଡ଼ିରହିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ମନସ୍ତତ୍ତ୍ୱବିତ ଡାକ୍ତର ଭରତ ଭଟୱାନୀଙ୍କୁ ଦେଖାଯାଇଥିଲା। ଚିକିତ୍ସା ଜାରି ରହିଥିଲେ ବି ସେ ୫ ବର୍ଷ ପର୍ଯ୍ୟନ୍ତ ନିଜ ସମ୍ପର୍କରେ କିଛି କହିପାରିନଥିଲେ। ଗତ ଜାନୁଆରୀରେ କାଶୀପୁର ରଥଯାତ୍ରା, ହରିଜନପଡ଼ା ସ୍କୁଲ ଏବଂ ସୁନାବେଡ଼ା ବବାଦରେ କହିଥିଲେ। ସାମାଜିକ କର୍ମୀ ଶ୍ରୀ ଦାସ, ଫଟୋଗ୍ରାଫର ସରୋଜଙ୍କୁ ସାମାଜିକ ଗଣମାଧ୍ୟମରେ ଯୋଗାଯୋଗ କରିଥିଲେ। ସମସ୍ତ ତଥ୍ୟ ଜଣାଇଥିଲେ। ଏହାପରେ ବାମଦେବ କାଶୀପୁରର ବୋଲି ଜଣାପଡ଼ିଥିଲା। ସାମ୍ବାଦିକ ଶ୍ରୀ ମଣ୍ଡଳ ମୁମ୍ବାଇର ଉକ୍ତ ଫାଉଣ୍ଡେସନ ଏବଂ ବାମଦେବଙ୍କ ପରିବାର ମଧ୍ୟରେ ଭିଡ଼ିଓ କଲ୍‌ରେ ସଂଯୋଗ ସ୍ଥାପନ କରିଥିଲେ। ଚିହ୍ନା ପରିଚୟ ପରେ ସମ୍ପୃକ୍ତ ସଂସ୍ଥା କର୍ମକର୍ତ୍ତା ବାମଦେବଙ୍କୁ ଟ୍ରେନରେ ମୁମ୍ବାଇରୁ କାଶୀପୁର ଅଣିଥିଲେ। ଘରେ ପହଞ୍ଚିବା ପରେ ସମସ୍ତଙ୍କ ଆଖିରେ ଆନନ୍ଦର ଅଶ୍ରୁ ବହିଯାଇଥିଲା। ସମସ୍ତଙ୍କୁ ପରିବାର ସଦସ୍ୟ କୃତଜ୍ଞତା ଜଣାଇଥିଲେ। ଔଷଧ ସେବନ, ମାନସିକ ରୋଗୀଙ୍କ ଦାୟିତ୍ୱ ବାବଦରେ ଫାଉଣ୍ଡେସନ କର୍ମକର୍ତ୍ତା ବୁଝାଇଥିଲେ। ଏମିତିକି ଆଗକୁ ସମସ୍ତ ଔଷଧ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

**ODISHA**
**News**

**ODIA**

**SAMAYA**
**Sambalpur**

**FEBRUARY 2025**

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୩୪
ତିଥି : ଷଷ୍ଠୀ
୧୯ ଫେବୃୟାରୀ ୨୦୨୫, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA
# ସମୟ
ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 134
19 Feb 2025, Wednesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ୧୫ ବର୍ଷ ପରେ ଘରକୁ ଫେରିଲେ ବାମଦେବ

ରାୟଗଡା,(ସବ୍ୟୁ): ୧୫ ବର୍ଷ ପୂର୍ବେ ରାୟଗଡା ଜିଲ୍ଲା କାଶୀପୁର ସଦର ବ୍ଲକ କଲୋନୀ ସାହିର ବାମଦେବଙ୍କ ମାନସିକ ଅବସ୍ଥା ଠିକ ନଥିବାରୁ କେଉଁ ଆଡ଼େ ଚାଲିଯାଇଥିଲେ। ପରିବାର ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିନଥିଲା। ଶେଷରେ ପରିବାର ଲୋକେ ବାମଦେବଙ୍କ ଉପରେ ଆଶା ଛାଡିଦେଇଥିଲେ । କିନ୍ତୁ ଚଳିତ ସପ୍ତାହରେ ମୁମ୍ବାଇର ଶ୍ରଦ୍ଧା ଫାଉଣ୍ଡେସନ ତରଫରୁ ଖବର ଆସିଲା। ଯେ ବାମଦେବଙ୍କ ବିଷୟରେ ଭିଡିଓ କଲରେ ପରିବାର ଦେଖିବା ପରେ ତାଙ୍କ ପରିବାର ପାଖକୁ ଉକ୍ତ ସଂସ୍ଥାର ସାମାଜିକ କର୍ମୀ ସୁନିଲ କୁମାର ଦାସ ଟ୍ରେନ ଯୋଗେ ବାମଦେବଙ୍କୁ ତାଙ୍କ ପରିବାର ପାଖରେ ଆଣି ଛାଡ଼ିଥିଲେ ।



ବାମଦେବଙ୍କ କହିବା ଅନୁସାରେ ପୂର୍ବରୁ ତାଙ୍କ ମାନସିକ ଅବସ୍ଥା ଠିକ ନଥିବା ବେଳେ ଦୀର୍ଘ ୧୫ବର୍ଷ ତଳେ କୁଆଡେ ଚାଲିଯାଇଥିଲେ । କିନ୍ତୁ କୌଣସି ସନ୍ଧାନ ମିଳିନଥିଲା । ବାମଦେବଙ୍କ ବାପା ମା ପୂର୍ବରୁ ଆର ପାରିରେ ଚାଲିଯାଇଥିଲା ବେଳେ ତାଙ୍କ ଦୁଇ ଜୋଇଁ ସଦା ଏବଂ ରଞ୍ଜନ ତାଙ୍କୁ ପୁଅ ଭଳିଆ ଦାୟିତ୍ୱ ନେଉଥିଲେ । କିନ୍ତୁ ତାଙ୍କ ନିଖୋଜ ପରେ ତାଙ୍କ ପରିବାର ପୁରା ଭାଙ୍ଗିପଡ଼ିଥିଲେ । ହଠାତ ବାମଦେବଙ୍କୁ ପାଇବାପରେ ପରିବାର ଏବଂ ତାଙ୍କ ସମ୍ପର୍କୀୟ ଖୁସିରେ ତାଙ୍କୁ ଆଣିବାରେ ସହଯୋଗ କରିଥିବା ସାମାଜିକ କର୍ମୀ ଏବଂ ଉକ୍ତ ସଂସ୍ଥାକୁ କୃତଜ୍ଞତା ଜଣାଇଥିଲେ । ବନ୍ଧେ ଶ୍ରଦ୍ଧା ଫାଉଣ୍ଡେସନର ସାମାଜିକ କର୍ମୀଙ୍କ କହିବା ଅନୁଯାୟୀ ବାମଦେବ ୨୦୧୯ ମସିହାରେ ମୁମ୍ବାଇର ଦାଦର ଷ୍ଟେସନ ନିକଟରେ ଅତି ଦୟନିୟ ଅବସ୍ଥାରେ ପଡି ରହିଥିଲେ ଏବଂ ଶ୍ରଦ୍ଧା ଫାଉଣ୍ଡେସନର ସାମାଜିକ କର୍ମୀ ମାନେ ତାଙ୍କୁ ନେଇ ଭାରତର ବଡ ମନସ୍ତତ୍ତ୍ୱ ବିତ୍ ଡାକ୍ତର ଭରତ ଭଟୱାନୀ ଏବଂ ଉକ୍ତ ସଂସ୍ଥାର ସାମାଜିକ କର୍ମୀ ମାନଙ୍କ ଦ୍ୱାରା ଉତ୍ତମ ଚିକିତ୍ସା କରାଯାଇଥିଲା । କିନ୍ତୁ ଦୀର୍ଘ ପାଞ୍ଚ ବର୍ଷ ଯାଏଁ ନିଜ ପରିଚୟ କିଛି କହିପାରିନଥିଲେ । ଶେଷରେ ଗତ ମାସରେ କାଶୀପୁର ରଥଯାତ୍ରା ଏବଂ ହରିଜନ ପଡା ସ୍କୁଲ ଏବଂ ସୁନାବେଡା କଥା କହିବାପରେ ସାମାଜିକ କର୍ମୀ ସୁନିଲ ଦାସ କାଶୀପୁରର ଫଟୋ ଗ୍ରାଫର ସରୋଜ କୁମାରଙ୍କୁ ସୋସିଆଲ ମିଡିଆରେ ସମସ୍ତ ବିଷୟ କହିଥିଲେ। ସରୋଜ କାଶୀପୁରର ସ୍ଥାନୀୟ ସାମ୍ବାଦିକ ଟୁଲିଆ ମଣ୍ଡଳଙ୍କୁ ସମସ୍ତ ତଥ୍ୟ କହିବାପରେ ତାଙ୍କେ କାଶୀପୁରର ବୋଲି ପରିଚୟ ଦେଇଥିଲେ । ଉକ୍ତ ସାମ୍ବାଦିକ ଶ୍ରଦ୍ଧା ଫାଉଣ୍ଡେସନର କର୍ମଚାରୀ ଏବଂ ବାମଦେବଙ୍କ ପରିବାର ସହିତ ଭିଡିଓ କଲ କରି ବାମଦେବଙ୍କୁ ଦେଖାଇବା ପରେ ବାମଦେବଙ୍କୁ ଦୀର୍ଘ ବର୍ଷ ପରେ ଦେଖି ପରିବାର କାନ୍ଦି ପକେଇଥିଲେ। ଉକ୍ତ ସଂସ୍ଥା ତରଫରୁ ତାଙ୍କୁ ଟ୍ରେନ ଯୋଗେ କାଶୀପୁର ଆଣି ତାଙ୍କ ପରିବାରକୁ ହସ୍ତାନ୍ତର କରିଥିଲେ ଏବଂ ଆଗକୁ ବାମଦେବଙ୍କ ସମସ୍ତ ଔଷଧ ମଧ୍ୟ ଉକ୍ତ ସଂସ୍ଥା ତରଫରୁ ମାଗଣାରେ ଦିଆଯିବା ସହିତ ମାନସିକ ରୋଗୀଙ୍କୁ ପରିବାର କେମିତି ଦୟିତ୍ୱ ନେବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ ।

ODISHA
News

ODIA

SAMBAD
Jeypore

FEBRUARY 2025

Digital Edition

SMART SAMBAD
ସମ୍ବାଦ
No.1 Digital News Paper

PRINTED AT BHUBANESWAR | BALASORE | JEYPORE | BARGARH
Bhubaneswar | Wednesday 19 February 2025
www.sambadepaper.com/sambad.in
BHUBANESWAR
ଭୁବନେଶ୍ୱର | ବୁଧବାର ୧୯ ଫେବୃଆରି, ୨୦୨୫

## ୧୫ବର୍ଷ ପରେ ଘରକୁ ଫେରିଲେ ବାମଦେବ

# ମାଧ୍ୟମ ସାଜିଲା ମୁମ୍ବାଇର ଶ୍ରଦ୍ଧା ଫାଉଣ୍ଡେସନ୍

କାଶୀପୁର,୧୮/୨(ଇମିସ): ୧୫ବର୍ଷ ଧରି ନିଖୋଜ ଥିବା କାଶୀପୁର ବ୍ଲକ ସଦର ମହକୁମା କଲୋନି ସାହିର ବାମଦେବ ନାଏକ (୩୯) ଘରକୁ ଫେରିଛନ୍ତି। ମୁମ୍ବାଇର ସାମାଜିକ ସଂଗଠନ ଶ୍ରଦ୍ଧା ଫାଉଣ୍ଡେସନ ସହାୟତାରେ ବାମଦେବ ଘରକୁ ଫେରିଛନ୍ତି। ଫାଉଣ୍ଡେସନ କର୍ମୀ ସୁନୀଲ କୁମାର ଦାଶ ବାମଦେବକୁ ସାଥୀରେ ଆଣି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଚିକିତ୍ସା ସମ୍ପର୍କିତ ପରାମର୍ଶ ଦେଇଛନ୍ତି। ବାମଦେବ ଘରକୁ ଫେରିବା ପରେ ପରିବାର ଲୋକଙ୍କ ସହିତ ଗ୍ରାମବାସୀ ଆନନ୍ଦ ପ୍ରକାଶ କରିଛନ୍ତି। ନିଷ୍ଠାପର ସେବା ପାଇଁ ଶ୍ରଦ୍ଧା ଫାଉଣ୍ଡେସନ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ବାମ ଦେବଙ୍କୁ ଚିହ୍ନଟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା କାଶୀପୁରର ଫଟୋ ଗ୍ରାଫର ସରୋଜ ଗୌଡ଼ ଏବଂ ସାମ୍ବାଦିକ ଟୁଲିୟା ମଣ୍ଡଳଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି।

କାଶୀପୁର କଲୋନୀ ସାହିର ଭିକାରୀ ନାଏକଙ୍କ ପୁଅ ବାମଦେବ ମାନସିକ ଭାରସାମ୍ୟ ହରାଇ ଏଣେତେଣେ ବୁଲୁଥିଲେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିବାରୁ ପରିବାର ଲୋକ କୌଣସି ବଡ଼ ଡ଼ାକ୍ତରଖାନାକୁ ନେଇ ଚିକିତ୍ସା କରାଇ ପାରୁନଥିଲେ। ୧୫ବର୍ଷ ତଳେ ବାମଦେବ ହଠାତ ନିଖୋଜ ହୋଇ ଯାଇଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରିବା



ପରେ ମଧ୍ୟ ସନ୍ଧାନ ପାଇନଥିଲେ। ଚଳିତ ସପ୍ତାହରେ ମୁମ୍ବାଇର ଶ୍ରଦ୍ଧା ଫାଉଣ୍ଡେସନ କୌଣସି ସୂତ୍ରରୁ ଖବର ପାଇ ବାମଦେବଙ୍କ ସମ୍ପର୍କରେ କାଶୀପୁର ଫଟୋଗ୍ରାଫର ସରୋଜ ଗୌଡ଼ଙ୍କୁ ଯୋଗାଯୋଗ କରିଥିଲେ। ସରୋଜ ସ୍ଥାନୀୟ ଅଞ୍ଚଳର ସାମାଜିକକର୍ମୀ ତଥା ସାମ୍ବାଦିକ ଟୁଲିଆ ମଣ୍ଡଳକୁ ମିଳିଥିବା ଭିଡିଓ ଦେଖାଇବା ପରେ ବାମଦେବ ଚିହ୍ନଟ ହୋଇଥିଲେ। ଶ୍ରଦ୍ଧା ଫାଉଣ୍ଡେସନର ସାମାଜିକ କର୍ମୀ ସୁନୀଲଙ୍କ କହିବାନୁଯାୟୀ, ୨୦୧୯ରେ ମୁମ୍ବାଇର ଦାଦର ରେଳଷ୍ଟେସନ ନିକଟରେ ବାମଦେବ ଦୟନୀୟ ଅବସ୍ଥାରେ ପଡ଼ି ରହିଥିଲେ। ଶ୍ରଦ୍ଧା ଫାଉଣ୍ଡେସନ ଉଦ୍ଧାର କରିବା ପରେ ମନସ୍ତତ୍ତ୍ୱବିତ୍ ଡା. ଭରତ ଭଟୱାନୀ ପରାମର୍ଶରେ ବାମଦେବଙ୍କ ଚିକିତ୍ସା କରାଯାଉଥିଲା। ଦୀର୍ଘ ପାଞ୍ଚ ବର୍ଷ ଧରି ନିରନ୍ତର ଚିକିତ୍ସା ପରେ ୨୦୨୫ ଜାନୁଆରିରେ କାଶୀପୁର ରଥଯାତ୍ରା ଏବଂ ହରିଜନପଡ଼ା ସ୍କୁଲ ଏବଂ ସୁନାବେଡା କଥା କହିଥିଲେ ବାମଦେବ। ପରେ ଏ ସମ୍ପର୍କରେ ଖବର ସଂଗ୍ରହ ପାଇଁ ସୁନୀଲ କାଶୀପୁରର ଫଟୋଗ୍ରାଫର ସରୋଜଙ୍କୁ ସୋସିଆଲ ମିଡିଆରେ ଯୋଗାଯୋଗ କରିଥିଲେ। ଟୁଲିଆଙ୍କ ସହଯୋଗରେ ପରିବାର ଲୋକ ଭିଡିଓ କଲ୍‌ରେ ବାମଦେବଙ୍କୁ ଦେଖାଇବା ପରେ କାନ୍ଦି ପକାଇଥିଲେ। ଟ୍ରେନ୍ ଯୋଗେ ବାମଦେବଙ୍କୁ କାଶୀପୁର ଆଣି ପରିବାରକୁ ହସ୍ତାନ୍ତର କରିଥିଲେ ସୁନୀଲ। ବାମଦେବଙ୍କ ଚିକିତ୍ସା ପାଇଁ ସମସ୍ତ ଔଷଧ ମାଗଣାରେ ଯୋଗାଇ ଦିଆଯିବ ବୋଲି କୁହାଯାଇଛି।

ORISSA
News

ODIA

AJIKALI
Balasore

FEBRUARY 2025

ଆଜି - ବୁଧବାର
ତାରିଖ - ୧୯ ଫେବୃଆରୀ ୨୦୨୫
ମାସ - କୁମ୍ଭ, ଦିନ - ୦୭
ତିଥି - ସପ୍ତମୀ, ପକ୍ଷ - କୃଷ୍ଣ
ନକ୍ଷତ୍ର - ସ୍ୱାତୀ, ମଳ,ତୁଳା ଚନ୍ଦ୍ର
ସୂର୍ଯ୍ୟୋଦୟ - ୬:୧୫:୦୦
ସୂର୍ଯ୍ୟାସ୍ତ - ୫:୪୨:୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-mail: ajikalibls@gmail.com

E-News : www.theajikali.com

Vol.- 39 ISSUE- 306 R.N.I. REGD. No. 44026/86 ବାଲେଶ୍ୱର ୧୯ ଫେବୃଆରୀ ୨୦୨୫ ବୁଧବାର BALASORE 19 FEBRUARY 2025 WEDNESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦

"ଅନ୍ୟମାନଙ୍କ ମଧ୍ୟରେ ଯେଉଁ ଭଲଗୁଣ ଅଛି, ତାକୁ ନିଜ ଭିତରକୁ ଆଣ ଏବଂ ନିଜ ଢଙ୍ଗରେ ତାକୁ ଗ୍ରହଣ କରିନିଅ; ଅନ୍ୟମାନଙ୍କ ଭଳି ହୁଅ ନାହିଁ ।।"
- ସ୍ୱାମୀ ବିବେକାନନ୍ଦ

## ୧୫ବର୍ଷ ପରେ ଘରକୁ ଫେରିଲେ ବାମଦେବ



କାଶୀପୁର(ନି.ପ୍ର.) ୧୫ ବର୍ଷ ତଳେ ରାୟଗଡା ଜିଲ୍ଲା କାଶୀପୁର ସଦର ବ୍ଲକ କଲୋନୀ ସାହିର ବାମଦେବଙ୍କ ମାନସିକ ଅବସ୍ଥା ଠିକ ନଥିବାରୁ କେଉଁ ଆଡ଼େ ଚାଲିଯାଇଥିଲେ । ତାଙ୍କ ପରିବାର ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିନଥିଲା ଶେଷରେ ପରିବାର ଲୋକେ ବାମଦେବଙ୍କ ଉପରେ ଆଶା ଛାଡିଦେଇଥିଲେ । କିନ୍ତୁ ଚଳିତ ସପ୍ତାହରେ ମୁମ୍ବାଇର ଶ୍ରଦ୍ଧା ଫାଉଣ୍ଡେସନ ତରଫରୁ ଖବର ଆସିଲା ଯେ ବାମଦେବ ଙ୍କ ବିଷୟରେ ଭିଡିଓ କଲରେ ପରିବାର ଦେଖିବା ପରେ ତାଙ୍କ ପରିବାର ପାଖକୁ ଉକ୍ତ ସଂସ୍ଥାର ସାମାଜିକ କର୍ମୀ ସୁନିଲ କୁମାର ଦାସ ଟ୍ରେନ ଯୋଗେ ବାମଦେବଙ୍କୁ ତାଙ୍କ ପରିବାର ପାଖରେ ଆଣି ଛାଡ଼ିଥିଲେ । ବାମଦେବଙ୍କ କହିବା ଅନୁସାରେ ପୂର୍ବରୁ ତାଙ୍କ ମାନସିକ ଅବସ୍ଥା ଠିକ ନଥିବା ବେଳେ ଦୀର୍ଘ ୧୫ବର୍ଷ ତଳେ କୁଆଡେ ଚାଲିଯାଇଥିଲେ କିନ୍ତୁ କୌଣସି ସନ୍ଧାନ ମିଳିନଥିଲା । ବାମଦେବଙ୍କ ବାପା ମା ପୂର୍ବରୁ ଆର ପାରିରେ ଚାଲିଯାଇଥିଲା ବେଳେ ତାଙ୍କ ଦୁଇ ଜୋଇଁ ସଦା ଏବଂ ରଞ୍ଜନ ତାଙ୍କୁ ପୁଅ ଭଳିଆ ଦୟିତ୍ୱ ନେଉଥିଲେ କିନ୍ତୁ ତାଙ୍କ ନିଖୋଜ ପରେ ତାଙ୍କ ପରିବାର ପୁରା ଭାଙ୍ଗିପଡ଼ିଥିଲେ । ହଠାତ ବାମଦେବଙ୍କୁ ପାଇବାପରେ ପରିବାର ଏବଂ ତାଙ୍କ ସମ୍ପର୍କୀୟ ଖୁସିରେ ତାଙ୍କୁ ଆଣିବାରେ ସହଯୋଗ କରିଥିବା ସାମାଜିକ କର୍ମୀ ଏବଂ ଉକ୍ତ ସଂସ୍ଥାକୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜଣାଇଥିଲେ । ବମ୍ବେ ଶ୍ରଦ୍ଧା ଫାଉଣ୍ଡେସନର ସାମାଜିକ କର୍ମୀଙ୍କ କହିବା ଅନୁଯାୟୀ ବାମଦେବ ୨୦୧୯ ମସିହାରେ ମୁମ୍ବାଇର ଦାଦର ଷ୍ଟେସନ ନିକଟରେ ଅତି ଦୟନିୟ ଅବସ୍ଥାରେ ପଡି ରହିଥିଲେ ଏବଂ ଶ୍ରଦ୍ଧା ଫାଉଣ୍ଡେସନର ସାମାଜିକ କର୍ମୀ ମାନେ ତାଙ୍କୁ ନେଇ ଭାରତର ବଡ ମନସ୍ତତ୍ୱବିତ୍ ଡାକ୍ତର ଭରତ ଭଟୱାନୀ ଏବଂ ଉକ୍ତ ସଂସ୍ଥାର ସାମାଜିକ କର୍ମୀ ମାନଙ୍କ ଦ୍ୱାରା ଉତମ ଚିକିତ୍ସା କରଯାଇଥିଲା କିନ୍ତୁ ଦୀର୍ଘ ପାଂଚ ବର୍ଷ ଯାଏଁ ନିଜ ପରିଚୟ କିଛି କହିପାରିନଥିଲେ ଶେଷରେ ଗତ ମାସରେ କାଶୀପୁର ରଥଯାତ୍ରା ଏବଂ ହରିଜନ ପଡା ସ୍କୁଲ ଏବଂ ସୁନାବେଡା କଥା କହିବାପରେ ସାମାଜିକ କର୍ମୀ ସୁନିଲ ଦାସ କାଶୀପୁର ର ଫୋଟୋଗ୍ରାଫର ସରୋଜ କୁମାରଙ୍କୁ ସୋସିଆଲ ମିଡିଆରେ ସମସ୍ତ ବିଷୟ କହିଥିଲେ ସରୋଜ ସଙ୍ଗେ ସାଙ୍ଗେ କାଶୀପୁରର ସ୍ଥାନୀୟ ସାମ୍ବାଦିକ ଟୁଲିଆ ମଣ୍ଡଳଙ୍କୁ ସମସ୍ତ ତଥ୍ୟ କହିବାପରେ ତାଙ୍କେ କାଶୀପୁରର ବୋଲି ପରିଚୟ ଦେଇଥିଲେ । ଉକ୍ତ ସାମ୍ବାଦିକ ଶ୍ରଦ୍ଧା ଫାଉଣ୍ଡେସନ ର କର୍ମଚାରୀ ଏବଂ ବାମଦେବଙ୍କ ପରିବାର ସହିତ ଭିଡିଓ କଲ କରି ବାମଦେବଙ୍କୁ ଦେଖାଇବା ପରେ ବାମଦେବଙ୍କୁ ଦୀର୍ଘ ବର୍ଷ ପରେ ଦେଖି ପରିବାର କାନ୍ଦି ପକେଇଥିଲେ, ଉକ୍ତ ସଂସ୍ଥା ତରଫରୁ ତାଙ୍କୁ ଟ୍ରେନ ଯୋଗେ କାଶୀପୁର ଆଣି ତାଙ୍କ ପରିବାରକୁ ହସ୍ତାନ୍ତର କରିଥିଲେ ଏବଂ ଆଗକୁ ବାମଦେବଙ୍କ ସମସ୍ତ ଔଷଧ ମଧ୍ୟ ଉକ୍ତ ସଂସ୍ଥା ତରଫରୁ ମାଗଣାରେ ଦିଆଯିବା ସହିତ ମାନସିକ ରୋଗୀଙ୍କୁ ପରିବାର କେମିତି ଦୟିତ୍ୱ ନେବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ ।

**ODISHA**

**News**

**ODIA**

**SHASHAK PRASHASHAK**

**FEBRUARY 2025**

ଶାସକ ପ୍ରଶାସକ

SHASAK PRASHASAK

Thursday, 20 Feb 2025

# ୧୫ବର୍ଷ ପରେ ଘରକୁ ଫେରିଲେ ବାମଦେବ



କାଶୀପୁର(ସ୍ୱ.ପ୍ର) : ୧୫ ବର୍ଷ ତଳେ ରାୟଗଡା ଜିଲ୍ଲା କାଶୀପୁର ସଦର ବ୍ଲକ କଲୋନୀ ସାହିର ବାମଦେବଙ୍କ ମାନସିକ ଅବସ୍ଥା ଠିକ ନଥିବାରୁ କେଉଁଆଡ଼େ ଚାଲିଯାଇଥିଲେ। ତାଙ୍କ ପରିବାର ବହୁ ଖୋଜାଖୋଜି କରିବାପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିନଥିଲା। ଶେଷରେ ପରିବାର ଲୋକେ ବାମଦେବଙ୍କ ଉପରେ ଆଶା ଛାଡିଦେଇଥିଲେ। କିନ୍ତୁ ଚଳିତ ସପ୍ତାହରେ ମୁମ୍ବାଇର ଶ୍ରଦ୍ଧା ଫାଉଣ୍ଡେସନ ତରଫରୁ ଖବର ଆସିଲା ଯେ ବାମଦେବଙ୍କ ବିଷୟରେ ଭିଡିଓ କଲରେ ପରିବାର ଦେଖିବା ପରେ ତାଙ୍କ ପରିବାର ପାଖକୁ ଉକ୍ତ ସଂସ୍ଥାର ସାମାଜିକ କର୍ମୀ ସୁନିଲ କୁମାର ଦାସ ଟ୍ରେନ ଯୋଗେ ବାମଦେବଙ୍କୁ ତାଙ୍କ ପରିବାର ପାଖରେ ଆଣି ଛାଡ଼ିଥିଲେ। ବାମଦେବଙ୍କ କହିବା ଅନୁସାରେ ପୂର୍ବରୁ ତାଙ୍କ ମାନସିକ ଅବସ୍ଥା ଠିକ ନଥିବା ବେଳେ ଦୀର୍ଘ ୧୫ ବର୍ଷ ତଳେ କୁଆଡେ ଚାଲିଯାଇଥିଲେ। କିନ୍ତୁ କୌଣସି ସନ୍ଧାନ ମିଳିନଥିଲା । ବାମଦେବଙ୍କ ବାପା-ମା' ପୂର୍ବରୁ ଆରପାରିରେ ଚାଲିଯାଇଥିଲା ବେଳେ ତାଙ୍କ ଦୁଇ ଝିଅ ସଦା ଏବଂ ରଞ୍ଜନ ତାଙ୍କୁ ପୁଅ ଭଳିଆ ଦାୟିତ୍ୱ ନେଉଥିଲେ। କିନ୍ତୁ ତାଙ୍କ ନିଖୋଜ ପରେ ତାଙ୍କ ପରିବାର ପୁରା ଭାଙ୍ଗିପଡ଼ିଥିଲେ । ହଠାତ ବାମଦେବଙ୍କୁ ପାଇବାପରେ ପରିବାର ଏବଂ ତାଙ୍କ ସମ୍ପର୍କୀୟ ଖୁସିରେ ତାଙ୍କୁ ଆଣିବାରେ ସାହାଯ୍ୟ କରିଥିବା ସାମାଜିକ କର୍ମୀ ଏବଂ ଉକ୍ତ ସଂସ୍ଥାଙ୍କୁ ଧନ୍ୟବାଦ ଦେବା ସହ ସମ୍ମାନରେ ପାଛୋଟି ନେଇଥିଲେ। ବନ୍ଧେ ଶ୍ରଦ୍ଧା ଫାଉଣ୍ଡେସନର ସାମାଜିକ କର୍ମୀଙ୍କ କହିବା ଅନୁଯାୟୀ ବାମଦେବ ୨୦୧୯ ମସିହାରେ ମୁମ୍ବାଇର ଦାଦର ଷ୍ଟେସନ ନିକଟରେ ବହୁତ ଦୟନୀୟ ଅବସ୍ଥାରେ ପଡି ରହିଥିଲେ ଏବଂ ଶ୍ରଦ୍ଧା ଫାଉଣ୍ଡେସନର ସାମାଜିକ କର୍ମୀମାନେ ତାଙ୍କୁ ନେଇ ଭାରତର ବଡ ମନସ୍ତତ୍ୱବିତ୍ ଡାକ୍ତର ଭରତ ଭଟୱାନୀ ଏବଂ ଉକ୍ତ ସଂସ୍ଥାର ସାମାଜିକ କର୍ମୀମାନେ ଉତ୍ତମ ଚିକିତ୍ସା କରେଇଥିଲେ । କିନ୍ତୁ ଦୀର୍ଘ ପାଞ୍ଚ ବର୍ଷ ଯାଏଁ ନିଜ ପରିଚୟ କିଛି କହିପାରିନଥିଲେ। ଶେଷରେ ଗତ ମାସରେ କାଶୀପୁର ରଥଯାତ୍ରା ଏବଂ ହରିଜନ ପଡା ସ୍କୁଲ ଏବଂ ସୁନାବେଡା କଥା କହିବାପରେ ସାମାଜିକ କର୍ମୀ ସୁନିଲ ଦାସ କାଶୀପୁରର ଫୋଟୋଗ୍ରାଫର ସରୋଜ କୁମାରଙ୍କୁ ସୋସିଆଲ ମିଡିଆରେ ସମସ୍ତ ବିଷୟ କହିଥିଲେ। ସରୋଜ ସଙ୍ଗେ ସଙ୍ଗେ କାଶୀପୁରର ସ୍ଥାନୀୟ ସାମ୍ବାଦିକ ଟୁଲିଆ ମଣ୍ଡଳଙ୍କୁ ସମସ୍ତ ତଥ୍ୟ କହିବାପରେ ସେ କାଶୀପୁରର ବୋଲି ପରିଚୟ ପାଇଥିଲେ। ଉକ୍ତ ସାମ୍ବାଦିକ ଶ୍ରଦ୍ଧା ଫାଉଣ୍ଡେସନର କର୍ମଚାରୀ ଏବଂ ବାମଦେବଙ୍କ ପରିବାର ସହିତ ଭିଡିଓ କଲ କରି ବାମଦେବଙ୍କୁ ଦେଖାଇବା ପରେ ବାମଦେବଙ୍କୁ ଦୀର୍ଘବର୍ଷ ପରେ ଦେଖି ପରିବାର କାନ୍ଦି ପକେଇଥିଲେ। ଉକ୍ତ ସଂସ୍ଥା ତରଫରୁ ତାଙ୍କୁ ଟ୍ରେନ ଯୋଗେ କାଶୀପୁର ଆଣି ତାଙ୍କ ପରିବାରକୁ ହସ୍ତାନ୍ତର କରିଥିଲେ ଏବଂ ଆଗକୁ ବାମଦେବଙ୍କ ସମସ୍ତ ଔଷଧ ମଧ୍ୟ ଉକ୍ତ ସଂସ୍ଥା ତରଫରୁ ମାଗଣାରେ ଦିଆଯିବା ସହିତ ମାନସିକ ରୋଗୀଙ୍କୁ ପରିବାର କେମିତି ଦାୟତ୍ୱ ନେବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ। ବାମଦେବଙ୍କୁ ପାଇବା ପରେ ତାଙ୍କ ପରିବାର ଖୁସିରେ ଗଦ୍ ଗଦ୍ ହୋଇ କାନ୍ଦି ପକେଇଥିଲେ ଏବଂ ସହଯୋଗ କରିଥିବା ସମସ୍ତ ସାମାଜିକ କର୍ମୀ ମାନଙ୍କୁ ଧନ୍ୟବାଦ ଦେଇଥିଲେ।

**ORISSA**

**News**

**ODIA**

**UTKAL MAIL**

**Bhubaneshwar**

**FEBRUARY 2025**


RESURGENT PEOPLE'S DAILY

THE UTKAL MAIL

# ଉତ୍କଳମେଲ

SIMULTANEOUSLY PUBLISHED FROM BHUBANESWAR & ROURKELA

ପ୍ରତିଷ୍ଠାତା ସଂପାଦକ: ଶ୍ରୀ ପିତବାସ ମିଶ୍ର

ରାଉରକେଲା, ଭୁବନେଶ୍ୱର ଓ ପାରାଦୀପରୁ ଏକ ସଙ୍ଗେ ପ୍ରକାଶିତ

"ଇଶ୍ୱରଙ୍କ ଛଡା ଆମେ ଆଉ କାହାକୁ ଡରୁନା"

For E-paper & website visit : www.utkalmailtv.com

ନେଶ୍ୱର, ସୋମବାର ୧୭ ଫେବୃଆରୀ ୨୦୨୫ ★ Bhubaneswar Monday 17 February 2025 ★ R.N.I. No. 48307/90 ★ Po.Rgn. OR/BN-28/09


## ଶ୍ରଦ୍ଧା ଫାଉଣ୍ଡେସନର ସହଯୋଗରେ ୧୫ ବର୍ଷ ପରେ ଘରକୁ ଫେରିଲେ ବାମଦେବ



କାଶିପୁର, ୧୮।୨ : ୧୫ ବର୍ଷ ତଳେ ରାୟଗଡା ଜିଲ୍ଲା କାଶୀପୁର ସଦର ବ୍ଲକ କଲୋନୀ ସାହିର ବାମଦେବଙ୍କ ମାନସିକ ଅବସ୍ଥା ଠିକ ନଥିବାରୁ କେଉଁ ଆଡ଼େ ଚାଲିଯାଇଥିଲେ । ତାଙ୍କ ପରିବାର ବହୁ ଖୋଜାଆଖୋଜି କରିବାପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିନଥିଲା ଶେଷରେ ପରିବାର ଲୋକେ ବାମଦେବଙ୍କ ଉପରେ ଆଶା ଛାଡିଦେଇଥିଲେ । କିନ୍ତୁ ଚଳିତ ସପ୍ତାହରେ ମୁମ୍ବାଇ ର ଶ୍ରଦ୍ଧା ଫାଉଣ୍ଡେସନ ତରଫରୁ ଖବର ଆସିଲା ଯେ ବାମଦେବଙ୍କ ବିଷୟରେ ଭିଡିଓ କଲରେ ପରିବାର ଦେଖିବା ପରେ ତାଙ୍କ ପରିବାର ପାଖକୁ ଉକ୍ତ ସଂସ୍ଥାର ସାମାଜିକ କର୍ମୀ ସୁନିଲ କୁମାର ଦାସ ଟ୍ରେନ ଯୋଗେ ବାମଦେବଙ୍କୁ ତାଙ୍କ ପରିବାର ପାଖରେ ଆଣି ଛାଡ଼ିଥିଲେ । ବାମଦେବ ଙ୍କ କହିବା ଅନୁସାରେ ପୂର୍ବରୁ ତାଙ୍କ ମାନସିକ ଅବସ୍ଥା ଠିକ ନଥିବା ବେଳେ ଦୀର୍ଘ ୧୫ ବର୍ଷ ତଳେ କୁଆଡେ ଚାଲିଯାଇଥିଲେ କିନ୍ତୁ କୌଣସି ସନ୍ଧାନ ମିଳିନଥିଲା । ବାମଦେବଙ୍କ ବାପା ମା ପୂର୍ବରୁ ଆର ପାରିରେ ଚାଲିଯାଇଥିଲା ବେଳେ ତାଙ୍କ ଦୁଇ ଜୁଇଁ ସଦା ଏବଂ ରଞ୍ଜନ ତାଙ୍କୁ ପୁଅ ଭଳିଆ ଦାୟତ୍ୱ ନେଉଥିଲେ କିନ୍ତୁ ତାଙ୍କ ନିଖୋଜ ପରେ ତାଙ୍କ ପରିବାର ପୁରା ଭାଙ୍ଗିପଡ଼ିଥିଲେ । ହଠାତ ବାମଦେବଙ୍କୁ ପାଇବାପରେ ପରିବାର ଏବଂ ତାଙ୍କ ସମ୍ପର୍କୀୟ ଖୁସିରେ ତାଙ୍କୁ ଆଣିବାରେ ସାହାଯ୍ୟ କରିଥିବା ସାମାଜିକ କର୍ମୀ ଏବଂ ଉକ୍ତ ସଂସ୍ଥା ଙ୍କୁ ଧନ୍ୟବାଦ ଦେବା ସହ ସମ୍ମାନରେ ପାଛୋଟି ନେଇଥିଲେ । ବମ୍ବେ ଶ୍ରଦ୍ଧା ଫାଉଣ୍ଡେସନ ର ସାମାଜିକ କର୍ମୀଙ୍କ କହିବା ଅନୁଯାୟୀ ବାମଦେବ ୨୦୧୯ ମସିହାରେ ମୁମ୍ବାଇ ର ଦାଦର ଷ୍ଟେସନ ନିକଟରେ ବହୁତ ଦୟନିୟ ଅବସ୍ଥାରେ ପଡି ରହିଥିଲେ ଏବଂ ଶ୍ରଦ୍ଧା ଫାଉଣ୍ଡେସନର ସାମାଜିକ କର୍ମୀ ମାନେ ତାଙ୍କୁ ନେଇ ଭାରତ ର ବଡ ମନସ୍ତତ୍ୱବିତ ଡାକ୍ତର ଭରତ ଭଟୱାନୀ ଏବଂ ଉକ୍ତ ସଂସ୍ଥାର ସାମାଜିକ କର୍ମୀ ମାନେ ଉତ୍ତମ ଚିକିତ୍ସା କରେଇଥିଲେ କିନ୍ତୁ ଦୀର୍ଘ ପାଞ୍ଚ ବର୍ଷ ଯାଏଁ ନିଜ ପରିଚୟ କିଛି କହିପାରିନଥିଲେ ଶେଷରେ ଗତ ମାସରେ କାଶୀପୁର ରଥଯାତ୍ରା ଏବଂ ହରିଜନ ପଡା ସ୍କୁଲ ଏବଂ ସୁନାବେଡା କଥା କହିବାପରେ ସାମାଜିକ କର୍ମୀ ସୁନିଲ ଦାସ କାଶୀପୁର ର ଫୋଟୋଗ୍ରାଫର ସରୋଜ କୁମାର ଙ୍କୁ ସୋସିଆଲ ମିଡିଆରେ ସମସ୍ତ ବିଷୟ କହିଥିଲେ ସରୋଜ ସଙ୍ଗେ ସାଙ୍ଗେ କାଶୀପୁର ର ସ୍ଥାନୀୟ ସାମ୍ବାଦିକ ଟୁଲିଆ ମଣ୍ଡଳଙ୍କୁ ସମସ୍ତ ତଥ୍ୟ କହିବାପରେ ତାଙ୍କେ କାଶୀପୁର ର ବୋଲି ପରିଚୟ ଦେଇଥିଲେ । ଉକ୍ତ ସାମ୍ବାଦିକ ଶ୍ରଦ୍ଧା ଫାଉଣ୍ଡେସନ ର କର୍ମଚାରୀ ଏବଂ ବାମଦେବଙ୍କ ପରିବାର ସହିତ ଭିଡିଓ କଲ କରି ବାମଦେବ ଙ୍କୁ ଦେଖାଇବା ପରେ ବାମଦେବଙ୍କୁ ଦୀର୍ଘ ବର୍ଷ ପରେ ଦେଖି ପରିବାର କାନ୍ଦି ପକେଇଥିଲେ, ଉକ୍ତ ସଂସ୍ଥା ତରଫରୁ ତାଙ୍କୁ ଟ୍ରେନ ଯୋଗେ କାଶୀପୁର ଆଣି ତାଙ୍କ ପରିବାରକୁ ହସ୍ତାନ୍ତର କରିଥିଲେ ଏବଂ ଆଗକୁ ବାମଦେବଙ୍କ ସମସ୍ତ ଔଷଧ ମଧ୍ୟ ଉକ୍ତ ସଂସ୍ଥା ତରଫରୁ ମାଗଣାରେ ଦିଆଯିବା ସହିତ ମାନସିକ ରୋଗୀଙ୍କୁ ପରିବାର କେମିତି ଦାୟତ୍ୱ ନେବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ । ବାମଦେବଙ୍କୁ ପାଇବା ପରେ ତାଙ୍କ ପରିବାର ଖୁସିରେ ଗଡ ଗଡ ହୋଇ କାନ୍ଦି ପକେଇଥିଲେ ଏବଂ ସହଯୋଗ କରିଥିବା ସମସ୍ତ ସାମାଜିକ କର୍ମୀ ମାନଙ୍କୁ ଧନ୍ୟବାଦ ଦେଇଥିଲେ ।

**ODISHA**

**News**

**ODIA**

**KALINGA FOCUS**

**MAY 2025**



# Kalinga Focus



27/5/2025

KALINGA FOCUS News paper

RNI -OD/OD/08169

# ସୁନାବେଡ଼ାରୁ ବିଶାଖାପାଟଣା ରମଣୀ ବାଘଙ୍କୁ ଶ୍ରଦ୍ଧା ରିହାବିଲିଟେସନ ଫାଉଣ୍ଡେସନ ଦ୍ୱାରା ଘରକୁ ପ୍ରତ୍ୟାବର୍ତ୍ତନ ସୁନାବେଡ଼ା

ମେ ୨୬, ୨୦୨୫: ଶ୍ରଦ୍ଧା ରିହାବିଲିଟେସନ ଫାଉଣ୍ଡେସନ, ଏକ ଅଗ୍ରଣୀ ଗୈର-ସରକାରୀ ସଂଗଠନ (ଏନଜିଓ), ଦୀର୍ଘ ଚାରି ମାସ ପରେ ରମଣୀ ବାଘଙ୍କୁ ତାଙ୍କ ଘରକୁ ସୁରକ୍ଷିତ ଭାବେ ଫେରାଇ ଆଣିଛି। ଶ୍ରୀମତୀ ପିଙ୍କି ଜେନା, ଫାଉଣ୍ଡେସନର ଜଣେ ପ୍ରତିନିଧି, ଆଜି ଏକ ବିବୃତିରେ କହିଛନ୍ତି ଯେ ରମଣୀ ବାଘ ଗତ ଚାରି ମାସ ଧରି ଘର ଛାଡ଼ି ବାହାରକୁ ଚାଲିଯାଇଥିଲେ ଏବଂ ଏହି ସମୟରେ ସେ ମାନସିକ ଅସ୍ଥିରତାରେ ଥିଲେ।ସୂଚନା ଅନୁସାରେ, ରମଣୀ ବାଘ ସୁନାବେଡ଼ାରୁ ବିଶାଖାପାଟଣା ପର୍ଯ୍ୟନ୍ତ ବୁଲୁଥିବା ଅବସ୍ଥାରେ ଦେଖାଯାଇଥିଲେ। ରେଳ ବିଭାଗ ପୋଲିସ ତାଙ୍କୁ ଉଦ୍ଧାର କରି ଶ୍ରଦ୍ଧା ରିହାବିଲିଟେସନ ଫାଉଣ୍ଡେସନକୁ ହସ୍ତାନ୍ତର କରିଥିଲେ। ଫାଉଣ୍ଡେସନ ତାଙ୍କର ଯତ୍ନ ନେଇ ଆଜି ତାଙ୍କୁ ତାଙ୍କ ପରିବାର ନିକଟକୁ ଫେରାଇ ଆଣିଛି।ଶ୍ରୀମତୀ ଜେନା ଆହୁରି କହିଛନ୍ତି, "ଆମେ ରମଣୀଙ୍କୁ ତାଙ୍କ ଘରକୁ ଫେରାଇ ଆଣିଥିବାରୁ ବହୁତ ଖୁସି। ଆଗକୁ ଯଦି କେହି ଏଭଳି ସମସ୍ୟାର ସମ୍ମୁଖୀନ ହୁଅନ୍ତି, ତେବେ ଦୟାକରି ଆମ ଏନଜିଓର ସମ୍ପର୍କ ନମ୍ବରରେ ଯୋଗାଯୋଗ କରନ୍ତୁ। ଆମେ ସବୁବେଳେ ସାହାଯ୍ୟ ପାଇଁ ପ୍ରସ୍ତୁତ ଅଛୁ।"ଏହି ଘଟଣା ଶ୍ରଦ୍ଧା ରିହାବିଲିଟେସନ ଫାଉଣ୍ଡେସନର ସମାଜ ପ୍ରତି ଉଦ୍ଦେଶ୍ୟମୂଳକ କାର୍ଯ୍ୟକୁ ପ୍ରତିଫଳିତ କରୁଛି। ସଂଗଠନଟି ମାନସିକ ସ୍ୱାସ୍ଥ୍ୟ ସମସ୍ୟାରେ ଥିବା ବ୍ୟକ୍ତିମାନଙ୍କୁ ସାହାଯ୍ୟ ଓ ପୁନର୍ବାସନ ପାଇଁ ନିରନ୍ତର କାର୍ଯ୍ୟ କରୁଛି।






ସୁନାବେଡା ରୁ ସୁରଜ ବାଘ ଙ୍କ ରିପୋର୍ଟ

**ODISHA**
**News**

**ODIA**

**DARSHAN NEWS**
**SUNABEDA**

**MAY 2025**

# ସୁନାବେଡ଼ାରୁ ବିଶାଖାପାଟଣା ରମଣୀ ବାଘଙ୍କୁ ଶ୍ରଦ୍ଧା ରିହାବିଲିଟେସନ ଫାଉଣ୍ଡେସନ ଦ୍ୱାରା ଘରକୁ ପ୍ରତ୍ୟାବର୍ତ୍ତନ

ସୁନାବେଡ଼ା,(ଦର୍ଶନ ନ୍ୟୁଜ୍) : ଶ୍ରଦ୍ଧା ରିହାବିଲିଟେସନ ଫାଉଣ୍ଡେସନ, ଏକ ଅଗ୍ରଣୀ ଣେର-ସରକାରୀ ସଂଗଠନ (ଏନଜିଓ), ଦୀର୍ଘ ଚାରି ମାସ ପରେ ରମଣୀ ବାଘଙ୍କୁ ତାଙ୍କ ଘରକୁ ସୁରକ୍ଷିତ ଭାବେ ଫେରାଇ ଆଣିଛି। ପିଙ୍କି ଜେନା, ଫାଉଣ୍ଡେସନର ଜଣେ ପ୍ରତିନିଧି, ଆଜି ଏକ ବିବୃତିରେ କହିଛନ୍ତି ଯେ ରମଣୀ ବାଘ ଗତ ଚାରି ମାସ ଧରି ଘର ଛାଡ଼ି ବାହାରକୁ ଚାଲିଯାଇଥିଲେ ଏବଂ ଏହି ସମୟରେ ସେ ମାନସିକ ଅସ୍ଥିରତାରେ ଥିଲେ। ସୂଚନା ଅନୁସାରେ, ରମଣୀ ବାଘ ସୁନାବେଡ଼ାରୁ ବିଶାଖାପାଟଣା ପର୍ଯ୍ୟନ୍ତ ବୁଲୁଥିବା ଅବସ୍ଥାରେ ଦେଖାଯାଇଥିଲେ। ରେଳ ବିଭାଗ ପୋଲିସ ତାଙ୍କୁ ଉଦ୍ଧାର କରି ଶ୍ରଦ୍ଧା ରିହାବିଲିଟେସନ






ଫାଉଣ୍ଡେସନକୁ ହସ୍ତାନ୍ତର କରିଥିଲେ। ଫାଉଣ୍ଡେସନ ତାଙ୍କର ଯତ୍ନ ନେଇ ଆଜି ତାଙ୍କୁ ତାଙ୍କ ପରିବାର ନିକଟକୁ ଫେରାଇ ଆଣିଛି। ଶ୍ରୀମତୀ ଜେନା ଆହୁରି କହିଛନ୍ତି, "ଆମେ ରମଣୀଙ୍କୁ ତାଙ୍କ ଘରକୁ ଫେରାଇ ଆଣିଥିବାରୁ ବହୁତ ଖୁସି। ଆଗକୁ ଯଦି କେହି ଏଭଳି ସମସ୍ୟାର ସମ୍ମୁଖୀନ ହୁଅନ୍ତି, ତେବେ ଦୟାକରି ଆମ ଏନଜିଓର ସମ୍ପର୍କ ନମ୍ବରରେ ଯୋଗାଯୋଗ କରନ୍ତୁ। ଆମେ ସବୁବେଳେ ସାହାଯ୍ୟ ପାଇଁ ପ୍ରସ୍ତୁତ ଅଛୁ।"ଏହି ଘଟଣା ଶ୍ରଦ୍ଧା ରିହାବିଲିଟେସନ ଫାଉଣ୍ଡେସନର ସମାଜ ପ୍ରତି ଉଦ୍ଦେଶ୍ୟମୂଳକ କାର୍ଯ୍ୟକୁ ପ୍ରତିଫଳିତ କରୁଛି। ସଂଗଠନଟି ମାନସିକ ସ୍ୱାସ୍ଥ୍ୟ ସମସ୍ୟାରେ ଥିବା ବ୍ୟକ୍ତିମାନଙ୍କୁ ସାହାଯ୍ୟ ଓ ପୁନର୍ବାସନ ପାଇଁ ନିରନ୍ତର କାର୍ଯ୍ୟ କରୁଛି।

**ORISSA**
**News**

**ODIA**

**MAHABHARAT**
**Bhubaneshwar**

**JULY 2025**

ବର୍ଷ-୨୫, ସଂଖ୍ୟା-୧୯୧
ଭୁବନେଶ୍ୱର
୧୮, ଜୁଲାଇ, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 191
Bhubaneswar
18, July, 2025 Friday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ପୁଣି ଥରେ
ମା' ହେବେ
କରାନୀ

# ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ନିଖୋଜ ଥିବା ମାନସିକ ରୋଗୀ ଫେରିଲେ ନିଜ ଘରକୁ



ଆସିକା(ମହାଭାରତ): ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ୱାର୍ଡ ନମ୍ବର ୧୨ ବାସିନ୍ଦା ଏସ ମଞ୍ଜୁ ଦୀର୍ଘ ଦିନ ଧରି କେଉଁଆଡେ ନିଖୋଜ ହୋଇଯାଇଥିଲେ। ଶେଷରେ ଦେଶର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆର ଏମ ଏଚ ଚେନ୍ନାଇ ସ୍ୱେଚ୍ଛାସେବୀ ସଂଗଠନ ଅତି ଦୟନୀୟ ଭାବେ ରାସ୍ତା କଡ଼ରୁ ଉଠାଇଆଣି ଡାକ୍ତରଙ୍କ ଦ୍ୱାରା ଉନ୍ନତ ଉଚ୍ଚକୋଟି ଚିକିତ୍ସା କରି ସେ ସୁସ୍ଥ ହେବାପରେ ତାଙ୍କ ପରିବାର ଠିକଣା ପାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପାଇଁ ମହାରାଷ୍ଟ୍ର ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଶ୍ରଦ୍ଧା ରିହାବିଲିଟେସନ ଫାଉଣ୍ଡେସନ କୁ ହସ୍ତାନ୍ତର କରିଥିଲେ। ଶ୍ରଦ୍ଧା ରିହାବିଲିଟେସନ ଫାଉଣ୍ଡେସନ କର୍ମୀ ପୂଜା ବେହେରା ତାଙ୍କୁ ସାଙ୍ଗରେ ଆଣି ଆସିକା ଖଣ୍ଡପଲ୍ଲୀରେ ତାଙ୍କ ନିଜ ଘରେ ପୁଅ ଏସ କିରଣ ଓ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏସ ମଞ୍ଜୁ ଫେରିପାଇଁ ପରିବାର ଲୋକ ଓ ସାହି ପଡିଶା ଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

**ORISSA**

**News**

**ODIA**

**DHARITRI**

**Rayagada**

**NOVEMBER 2025**


ଧରିତ୍ରୀ 51 Years

ଧରିତ୍ରୀ

DHARITRI

ଭୁବନେଶ୍ୱର, ରବିବାର, ନଭେମ୍ବର ୨୩/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, November 23/2025 Page 16 ₹ 7.00 RAYAGADA


# ୪ ବର୍ଷ ପରେ ଜୀବିତ ଫେରିଲେ ଦିଲ୍ଲୀରୁ ନିଖୋଜ ବୃଦ୍ଧ

**ଉମରକୋଟ, ୨୨।୧୧(ସନ୍ତୋଷ ଶତପଥୀ)**

୪ ବର୍ଷ ତଳେ ଜଣେ ଦିଲ୍ଲୀରୁ ନିଖୋଜ ଥିବା ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳ ଦଶରାପଦା ସାହିର ଲାଲୁ ହରିଜନ (୬୫) ଘରକୁ ଫେରିଛନ୍ତି। ବାପାଙ୍କୁ ପାଇବା ଆଶା ହରାଇ ଦେଇଥିବା ତାଙ୍କ ପିଲାମାନେ ଲାଲୁଙ୍କୁ ପାଖରେ ପାଇ ବେଶ୍ ଖୁସି ଅଛନ୍ତି। ତେବେ ଏହା ମଧ୍ୟରେ ଲାଲୁଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇସାରିଛି। ଜୀବନର ଶେଷ ଅବସ୍ଥାରେ ମା' ବାପାଙ୍କୁ ଦେଖି ପାରିଲା ନାହିଁ ଏହାର ଦୁଃଖ ଅଛି। କିନ୍ତୁ ବାପାଙ୍କୁ ପାଖରେ ପାଇ ଖୁସିଥିବା ଲାଲୁଙ୍କ ପିଲାମାନେ କହିଛନ୍ତି।



ପରିବାର ସହ ଲାଲୁ।

ସୂଚନାନୁଯାୟୀ ଦିଲ୍ଲୀରେ ରହୁଥିବା ସାନ ଝିଅ ଚନ୍ଦନାଙ୍କ ଦେହ ଖରାପ ଖବରପାଇ ତାଙ୍କୁ ଘରକୁ ଆଣିବାକୁ ଲାଲୁ ୧୬ ଜୁଲାଇ ୨୧ରେ ବଡ଼ ଝିଅ ଛବିଳା ସୁନାନୀ, ଜ୍ୱାଇଁ ହିମାଂଶୁଙ୍କ ସହ ସେଠାକୁ ଯାଇଥିଲେ। ୧୮ ଜୁଲାଇ ଅପରାହ୍ନ ପ୍ରାୟ ୪ଟାରେ ଲାଲୁ କାହାକୁ କିଛି ନ କହି ଘରୁ ବୁଲାବୁଲି କରିବାକୁ ଯାଇଥିଲେ। କିନ୍ତୁ ସେଠାରୁ ଆଉ ଫେରି ନ ଥିଲେ। ଅନେକ ଖୋଜାଖୋଜି ପରେ ସେ ନ ମିଳିବାରୁ ପରିବାର ଲୋକେ ଦିଲ୍ଲୀର ସ୍ଥାନୀୟ ଥାନାରେ ଓ ଲାଲୁଙ୍କ ସ୍ତ୍ରୀ ଚନ୍ଦ୍ରିକା ଉମରକୋଟ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଥିଲେ। ଲାଲୁ ବୁଲାବୁଲି କରିବା ବେଳେ ମୁଣ୍ଡ ବୁଲାଇ ରାସ୍ତାକଡ଼ରେ ପଡ଼ି ଥିବାର ଦେଖି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାରକରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସୁସ୍ଥ ହେବା ପରେ ତାଙ୍କୁ ଦିଲ୍ଲୀସ୍ଥିତ ରତ୍ନାକର ଫାଉଣ୍ଡେଶନରେ ରଖାଯାଇଥିଲା। ସେଠାରେ ଦେହ ଖରାପ ହେବା ପରେ ମହାରାଷ୍ଟ୍ରର ରାଇଗଡ଼ରେ ଏକ ପୁନଃ ଥାଇଥାନ କେନ୍ଦ୍ରରେ ଲାଲୁଙ୍କ ଚିକିତ୍ସା କରାଯାଉଥିଲା। ସେଠାରେ ସେ ସମ୍ପୂର୍ଣ୍ଣ ସୁସ୍ଥହେବା ପରେ ନିଜ ଗାଁ ଠିକଣା କହିଥିଲେ। ପରେ ଉକ୍ତ ସଂସ୍ଥା ଲାଲୁଙ୍କ ପରିବାରକୁ ଯୋଗାଯୋଗ କରି ରାଇଗଡ଼ ଡକାଇଥିଲେ। ସେମାନେ ରାଇଗଡ଼ରେ ପହଞ୍ଚିବା ପରେ ପରିବାର ଲୋକଙ୍କୁ ଲାଲୁଙ୍କୁ ହସ୍ତାନ୍ତର କରିବା ସହ ୨ ମାସର ଅଗ୍ରିମ ଔଷଧ ଦେଇଥିଲେ। ଏପରି କି ପୁଣି ତାଙ୍କୁ ଚିକିତ୍ସା କରିବା ପାଇଁ ରାଇଗଡ଼ ଆଣିବା ପାଇଁ କହିଛନ୍ତି।

ORISSA
News

ODIA

SAMBAD
Bhubaneshwar

NOVEMBER 2025

SAMBAD
ସମ୍ବାଦ
PRINTED AT BHUBANESWAR | BALASORE | JEYPORE | BARGARH
www.sambadepaper.com/sambad.in
BHUBANESWAR
Bhubaneswar | Sunday 23 November 2025 | Page 14+8 ₹ 7.00 Vol. XLII | ISSUE 50 | ବର୍ଷ ୪୨ | ସଂଖ୍ୟା ୫୦ ଭୁବନେଶ୍ୱର | ରବିବାର ୨୩ ନଭେମ୍ବର ୨୦୨୫ | ୧୪+୮ ପୃଷ୍ଠା, ମୂଲ୍ୟ ୭ ଟଙ୍କା

# ଦିଲ୍ଲୀରେ ନିଖୋଜ ବ୍ୟକ୍ତି ୪ବର୍ଷ ପରେ ଘରକୁ ଫେରିଲେ

ଉମରକୋଟ,୨୨/୧୧(ଇମିସ): ୪ ବର୍ଷ ତଳେ ଦିଲ୍ଲୀରେ ନିଖୋଜ ବ୍ୟକ୍ତି ଜୀବିତ ଅବସ୍ଥାରେ ଘରକୁ ଫେରିବା ପରେ ପରିବାରରେ ଖୁସିର ଲହରୀ ଖେଳିଯାଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦ ଅଞ୍ଚଳରେ। ଉମରକୋଟ ଦଶହରାପଦା ସାହିର ଲାଲୁ ହରିଜନ (୬୫) ଗତ ୧୬/୭/୨୧ରେ ଝିଅ ଛବିଳା ସୁନାନି, ଜ୍ୱାଇଁ ହିମାଂଶୁ ସୁନାନି ସହ ଦିଲ୍ଲୀରେ ରହୁଥିବା ଲାଲୁଙ୍କ ସାନ ଝିଅ ଚନ୍ଦନା ହରିଜନଙ୍କୁ ଉମରକୋଟ ଆଣିବା ପାଇଁ ଦିଲ୍ଲୀ ଯାଇଥିଲେ। ତେବେ ୧୮ ତାରିଖ ଅପରାହ୍ନ ପ୍ରାୟ ୪ଟା ସମୟରେ ଲାଲୁ ହରିଜନ ଦିଲ୍ଲୀରେ ବୁଲାବୁଲି କରିବା ପାଇଁ ଘରୁ ବାହାରିଥିବା ବେଳେ ଆଉ ଘରକୁ ଫେରି ନଥିଲେ। ବହୁ ଖୋଜାଖୋଜି ସତ୍ତ୍ୱେ କୌଣସି ପତ୍ତା ମିଳି ନଥିଲା। ଶେଷରେ ଏନେଇ ପରିବାର ଲୋକେ ଦିଲ୍ଲୀର ସ୍ଥାନୀୟ ପୁଲିସ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେହିପରି ଲାଲୁଙ୍କ ସ୍ତ୍ରୀ ଚନ୍ଦ୍ରିକା ହରିଜନ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲାଲୁ କହିବା ହେଲା ସେ ଦିଲ୍ଲୀରେ ବୁଲାବୁଲି କରିବା ସମୟରେ ମୁଣ୍ଡ ବୁଲାଇବାରୁ ରାସ୍ତା କଡ଼ରେ ପଡ଼ି ରହିଥିଲେ। କେହି ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସୁସ୍ଥ ହେବା ପରେ ଲାଲୁ ଦିଲ୍ଲୀ ସ୍ଥିତ ରତ୍ନାକର ଫାଉଣ୍ଡେସନରେ ରହିଥିଲେ। ସେଠାରେ ପୁଣି ଦେହ ଖରାପ ହେବାରୁ ମହାରାଷ୍ଟ୍ରର ରାଇଗଡ଼ ଠାରେ ଏକ ପୁନର୍ଉଥାନ କେନ୍ଦ୍ରରେ ଲାଲୁ ଚିକିତ୍ସିତ ହେଉଥିଲେ। ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ଲାଲୁ ନିଜ ଗାଁ ଠିକଣା କହିଥିଲେ। ପରେ ଉକ୍ତ ସଂସ୍ଥା ଉମରକୋଟ ଲାଲୁଙ୍କ ପରିବାରକୁ ରାଇଗଡ଼ ଡକାଇ ଲାଲୁଙ୍କୁ ହସ୍ତାନ୍ତର କରିବା ସହ ଦୁଇ ମାସର ଅଗ୍ରୀମ ଔଷଧ ଦେଇଥିଲେ। ଲାଲୁଙ୍କୁ ସୁସ୍ଥ ଅବସ୍ଥାରେ ପାଇ ପରିବାର ଲୋକେ ବହୁତ ଖୁସିବ୍ୟକ୍ତ କରିବା ସହ ଉକ୍ତ ସଂସ୍ଥାକୁ ଧନ୍ୟବାଦ ଜଣାଇଛନ୍ତି।



**ORISSA**
**News**

**ODIA**

**SAKALA**
**Umerkote**

**NOVEMBER 2025**

# ୪ ବର୍ଷ ପୂର୍ବେ ଦିଲ୍ଲୀରେ ନିଖୋଜ ଲାଲୁ ଘରକୁ ଫେରିଲେ

ଉମରକୋଟ ୨୨।୧୧ (ସମିସ): ୪ ବର୍ଷ ତଳେ ଜଣେ ବ୍ୟକ୍ତି ଦିଲ୍ଲୀରେ ନିଖୋଜ ହୋଇଥିଲେ। ବର୍ତମାନ ଜୀବିତ ଅବସ୍ଥାରେ ଘରକୁ ଫେରିବା ପରେ ପରିବାର ଓ ଗ୍ରାମରେ ଖୁସିର ଲହରୀ ଖେଳିଯାଇଛି।

ସୂଚନା ଅନୁସାରେ ନବରଙ୍ଗପୁର ଜିଲ୍ଲାର ଉମରକୋଟ ପୌରାଞ୍ଚଳ ଦଶରାପଦା ସାହିର ଲାଲୁ ହରିଜନ (୬୫) ୨୦୨୧ ଜୁଲାଇ ୧୬ ତାରିଖ ଦିନ ଝିଅ ଛବିଳା ସୁନାନି, ଜ୍ୱାଇଁ ହିମାଂଶୁ ସୁନାନି ସହ ଦିଲ୍ଲୀ ଯାଇଥିଲେ।୧୮ ତାରିଖ ଦିନ ସନ୍ଧ୍ୟା ପ୍ରାୟ ୪ଟା ସମୟରେ ଲାଲୁ ହରିଜନ କାହାକୁ କିଛି ନକହି ଘରୁ ବାହାରି ସହରରେ ବୁଲାବୁଲି କରୁଥିଲେ। ହେଲେ ସେ ଆଉ ଘରକୁ ଫେରି ନଥିଲେ। ପରେ ବହୁ ଖୋଜା ଖୋଜି କରିବା ପରେ ମଧ୍ୟ ଲାଲୁଙ୍କ କୌଣସି ପତ୍ତା ମିଳିନଥିଲା। ପରେ ପରିବାର ଲୋକେ ଦିଲ୍ଲୀର ସ୍ଥାନୀୟ ପୋଲିସ ଥାନାରେ ଲିଖିତ ଅଭିଯୋଗ କରିବା ସହ ଲାଲୁଙ୍କ ସ୍ତ୍ରୀ ଚନ୍ଦ୍ରିକା ହରିଜନ ଉମରକୋଟ ଥାନାରେ ମଧ୍ୟ ଲିଖିତ ଅଭିଯୋଗ କରିଥିଲେ। ଦିଲ୍ଲୀ ସହରରେ ବୁଲାବୁଲି କରିବା ସମୟରେ ମୁଣ୍ଡ ବୁଲାଇଥିଲା ଏବଂ ସେ ରାସ୍ତା କଡ଼ରେ ପଡ଼ି ରହିଥିଲେ। କିନ୍ତୁ କିଛି ସହୃଦୟ ବ୍ୟକ୍ତି ଲାଲୁ ଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ। ସୁସ୍ଥ ହେବା ପରେ ଲାଲୁ ଦିଲ୍ଲୀସ୍ଥିତ ରତ୍ନାକର ଫାଉଣ୍ଡେସନ ଠାରେ ରହିଥିଲେ। ସେଠାରେ ଦେହ ଖରାପ ହେବା ପରେ ମହାରାଷ୍ଟ୍ରର ରାଇଗଡ଼ ଠାରେ ଏକ କେନ୍ଦ୍ର ଠାରେ ଲାଲୁ ଚିକିତ୍ସିତ ହେଉଥିଲେ। ସେଠାରେ ସେ ସମ୍ପୂର୍ଣ ସୁସ୍ଥ ହେବା ପରେ ନିଜ ଗାଁ ଠିକଣା କହିଥିଲେ। ଉମରକୋଟ ଠାରେ ଶାବରୀମାଲା ଯାଉଥିବା ସାମ୍ବାଦିକ ନଳିନୀ ରଞ୍ଜନ ମିଶ୍ରଙ୍କୁ ଯୋଗାଯୋଗ କରିଥିଲେ। ପରେ ସାମ୍ବାଦିକ ଶ୍ରୀ ମିଶ୍ର ଉମରକୋଟ ଠାରେ ପରିବାର ଲୋକଙ୍କୁ ଯୋଗାଯୋଗ କରିଥିଲେ। ଉକ୍ତ ସଂସ୍ଥା ପରିବାର ଲୋକଙ୍କୁ ରାଇଗଡ଼ ଡକାଇ ଲାଲୁଙ୍କୁ ପରିବାର ଲୋକଙ୍କୁ



ହସ୍ତାନ୍ତର କରିବା ସହ ୨ ମାସ ର ଅଗ୍ରୀମ ଔଷଧ ଦେଇଥିଲେ। ଏପରି କି ପୁଣି ତାଙ୍କୁ ଚିକିତ୍ସା କରିବା ପାଇଁ ରାଇଗଡ଼ ଆଣିବା ପାଇଁ ଉପଦେଶ ଦେଇଛନ୍ତି। ଲାଲୁଙ୍କୁ ସୁସ୍ଥ ଅବସ୍ଥାରେ ପାଇ ପରିବାର ଲୋକେ ବହୁତ ଖୁସି ବ୍ୟକ୍ତ କରିଛନ୍ତି। କିନ୍ତୁ ଇତିମଧ୍ୟରେ ଲାଲୁଙ୍କ ସ୍ତ୍ରୀ ମୃତ୍ୟୁ ବରଣ କରିଛନ୍ତି। ଯେଉଁ ସଂସ୍ଥା ଲାଲୁଙ୍କୁ ସେବା କରିଥିଲେ ସେମାନଙ୍କୁ ପରିବାର ପକ୍ଷରୁ ଧନ୍ୟବାଦ ଦିଆଯାଇଛି।